# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA


- ଚାଷୀଙ୍କ ପାଇଁ ବାଦି କାନ୍ଦଣା
- କହି ନଜାଣିଲେ କେବଳ ଶୁଣିବାକୁ ପଡ଼େ
- କମିଗଲା ସମ୍ବିତ୍‌ଙ୍କ କ୍ରେଜ୍
- ବିଜେଡିର 'ପୁରୀ' ଅଭିଯାନ
- ବିଧାନସଭା ଅଚଳ ହେଲେ ଲାଭ କାହାର ?
- ସୌଭିକଙ୍କ ଉପରେ ହେବ କି କାର୍ଯ୍ୟାନୁଷ୍ଠାନ

ଇପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ


PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-14 23 FEBRUARY- 01 MARCH 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୪ ୨୩ ଫେବ୍ରୁଆରୀ - ୦୧ ମାର୍ଚ୍ଚ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର







# ଚାଷୀଙ୍କ ପାଇଁ ବାଦି 'କାନ୍ଦଣା'

ଶୀର୍ଷକ ପଢ଼ି ଆପଣ ଟିକେ ଆଶ୍ଚର୍ଯ୍ୟ ହେଉଥିବେ। ବାଦିପାଲା କଥା ଆମେ ଶୁଣିଛେ, ହେଲେ ଏଇ ବାଦି କାନ୍ଦଣା କ'ଣ? ପୁରୁଣାକାଳିଆ ଲୋକେ କାନ୍ଦଣା ଓ ବାହୁନା ଶିଖୁଥିଲେ, ଆଉ ଶିଖାଉଥିଲେ। ଏଥିପାଇଁ ବିଧିବଦ୍ଧ କୋର୍ସ ନଥିଲେବି ଜେଜେମା' ସେଇ ଚାଟଶାଳୀର ହେଡ଼ମାଷ୍ଟ୍ରରାଣୀ ଥିଲେ। ଏବେ ଆଞ୍ଚା ରାଜନେତାମାନେ ବାଦି କାନ୍ଦଣା ଅବା ବାଦି ବାହୁନା ଶିଖୁଛନ୍ତି। ବେଶୀ ଦୂରକୁ ମଗଜ ଖଟାଇବାର ନାହିଁ। ହାଲକୁ ଚାଲିଥିବା ଚାଷୀଙ୍କ ଯନ୍ତ୍ରଣା ଓ ନେତାଙ୍କ ବାଦି କାନ୍ଦଣା ଦେଖିଲେ ଆପଣ ଆମ କହିବାର ମର୍ମ ବୁଝିପାରିବେ। ବିଧାନସଭା ଆସିଲେ ଦୁଇ ତିନୋଟି ପ୍ରସଙ୍ଗ ନିହାତି ଭାବେ ଉଠିବ। ମୋବାଇଲ୍ ମୂଳ ପ୍ଲାନ ଭଳି ଚାଷୀ, ଆଇନଶୃଙ୍ଖଳା ପ୍ରସଙ୍ଗଟି ଉଠିବା ନିଶ୍ଚିତ। ଆଉ ଟପ୍ ଅପ୍ ଭଳି ଅନେକ କିଛି ପ୍ରସଙ୍ଗ ଧସେଇ ପଶେ। ଯାହାକି ସାମ୍ପ୍ରତିକ ସମୟର ଘଟଣାବଳୀ ଉପରେ ନିର୍ଭରଶୀଳ। ଚାଷୀ ପ୍ରସଙ୍ଗ ଉଠିଲେ ସମସ୍ତେ ବାହୁନିବା ଆରମ୍ଭ କରନ୍ତି। ବିରୋଧୀ ବାହୁନୁଥିବାବେଳେ ଶାସକ ଚାଷୀଙ୍କୁ କେତେ ଅଜାଡ଼ିଛନ୍ତି ସେ କଥା ବଖାଣନ୍ତି। ଗାଏମୋଟ୍ କହିଲେ ଚାଷୀଙ୍କ ପାଇଁ ସମସ୍ତେ କାନ୍ଦନ୍ତି ଆଉ ତାଙ୍କ ଅମଳରେ ବହୁତ କିଛି କରିଛନ୍ତି ବୋଲି କୁହନ୍ତି। ଓଡ଼ିଆରେ ଗୋଟିଏ କଥା ଅଛି, 'ବାଟିଏ ଚାଷ ନିତି ଉପାସ। ଚାଉଳ ପ୍ରବଳ ହେଲେ ଭାତ ପାଉନି।' ଯଦି ସବୁ ସରକାର ଚାଷୀଙ୍କ ପାଇଁ ଏତେ କରିଛନ୍ତି ବା କରୁଛନ୍ତି ତେବେ ଚାଷୀ ମଣ୍ଡିରେ ବାହୁନୁଛି କାହିଁକି? ଚାଷୀ ଏତେ ଦୁର୍ଦ୍ଦିନରେ କାହିଁକି ଅଛି? ନବୀନ ସରକାର କହୁଥିଲେ ଆମେ ଏତେ ଜମିକୁ ପାଣି ଦେଇଛୁ। ମୋହନ ସରକାର ବି ସେଇ କଥା କହୁଛନ୍ତି। ହେଲେ ଏବେବି ଚାଷୀ ଧାନ କ୍ଷେତରୁ ଆଗକୁ ଯାଇପାରୁନାହିଁ। ସରକାର ଧାନ କୁଇଣ୍ଟାଲ ୩୧ ଶହ ଟଙ୍କା କଲେ, ହେଲେ ଏବେ ଧାନ ଚାଷ ପରିମାଣ ୧ ଲକ୍ଷ ହେକ୍ଟର ବଢ଼ିଗଲା। ପାଖାପାଖି ୧୨ ଲକ୍ଷ ମେଟ୍ରିକ ଟନ ଅଧିକ ଧାନ ଉତ୍ପାଦନ ହେଲା । କିନ୍ତୁ ସବୁ ଧାନ କିଣିବା ବେଳକୁ ସରକାର କୁନ୍ଥଉଛନ୍ତି। ଆଜି ବିଜେଡ଼ି କଟନୀଛଟନୀ କଥା କହୁଛି, ପୂର୍ବରୁ ବିଜେପି ବି ସେଇକଥା କହୁଥିଲା । ସବୁ ମନ୍ତ୍ରୀ ଆଉ ସବୁ ସରକାର ଚିରାଚରିତ ନ୍ୟାୟରେ କଟନୀଛଟନୀ ହେଉନି ବୋଲି କହୁଥିଲେ । ଏବେ ମଧ୍ୟ ଅନୁରୂପ ଢଙ୍ଗରେ ଶାସକ-ବିରୋଧୀ ପରସ୍ପର ପ୍ରତି କାଦୁଅ ଫିଙ୍ଗିବାରେ ଲାଗିଛନ୍ତି। ହେଲେ ବାସ୍ତବତା କ'ଣ ? ଚାଷୀର ସବୁ ଧାନ ସରକାର କେବେବି କିଣିପାରିବେ ନାହିଁ। କଟନୀଛଟନୀ ଚାଲିଥିଲା ଆଉ ଚାଲିବ। ଚାଷୀକୂଳ ଏକଥା ବି ଭଲଭାବେ ବୁଝି ସାରିଲେଣି। ବିରୋଧୀ 'ଭୋଜରାଜ' ଚଉକିରେ ବସିଥିବାବେଳେ ଚାଷୀ ହିତ ପାଇଁ କାନ୍ଦେ। କିନ୍ତୁ ଶାସନ ଚଉକିକୁ ଆସିବା ପରେ ଗାଲୁଭୁରୁଡ଼ି ମାରିବାର ଓର ହିଁ ଖୋଜିବାକୁ ପଡ଼େ। ହେ ବିରୋଧୀ, ହେ ସରକାର, ବାଦି କାନ୍ଦଣା ବନ୍ଦ ହେଉ। ଜନତା ସବଜାନତା ନ୍ୟାୟରେ କାହା ଆଖିରେ କେତେ ଲୁହ ତାହା ବି ସେମାନେ ଜାଣିଛନ୍ତି।

**ଚାଷୀ ପ୍ରସଙ୍ଗ ଉଠିଲେ ବିରୋଧୀ-ଶାସକ ସମସ୍ତେ ବାହୁନିବା ଆରମ୍ଭ କରନ୍ତି। ଓଡ଼ିଆରେ ଗୋଟିଏ କଥା ଅଛି, 'ବାଟିଏ ଚାଷ ନିତି ଉପାସ। ଚାଉଳ ପ୍ରବଳ ହେଲେ ଭାତ ପାଉନି।' ଯଦି ସବୁ ସରକାର ଚାଷୀଙ୍କ ପାଇଁ ଏତେ କରିଛନ୍ତି ବା କରୁଛନ୍ତି ତେବେ ଚାଷୀ ମଣ୍ଡିରେ ବାହୁନୁଛି କାହିଁକି?**

ODIA WEEKLY GARBIT ODIA

# କେମିତି ନବକୃଷ୍ଣ ହୋଇଥିଲେ ମୁଖ୍ୟମନ୍ତ୍ରୀ ?



୧୯୫୦ ମସିହାର କଥା। କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସାମିଲ୍ ହେଲେ ହରେକୃଷ୍ଣ ମହତାବ। ତାଙ୍କ ପରେ କିଏ ହେବେ ମୁଖ୍ୟମନ୍ତ୍ରୀ ? ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ତାଲିକାରେ ଥିଲେ ନବକୃଷ୍ଣ ଚୌଧୁରୀ, ବିଶ୍ୱନାଥ ଦାସ ଓ ନିତ୍ୟାନନ୍ଦ କାନୁନଗୋ। ରେଭେନ୍ସାରେ ପାଠ ପଢୁଥିବାବେଳେ ହରେକୃଷ୍ଣ ମହତାବ, ନବକୃଷ୍ଣ ଓ ନିତ୍ୟାନନ୍ଦଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। ସେମାନେ ଏକାଠି ହୋଇ କଟକର ବାଖରାବାଦରେ 'ଭାରତୀ ମନ୍ଦିର' ନାମରେ ସଂଗଠନ ଗଢ଼ି ଏକାଠି କାମ କରୁଥିଲେ। ମହତାବ କେନ୍ଦ୍ରମନ୍ତ୍ରୀ ହେବାରୁ ସେ ଚାହିଁଲେ ଏମିତି ଜଣେ ନେତାଙ୍କୁ ଉତ୍ତରାଧିକାରୀ କରିବି ଯିଏକି ଭବିଷ୍ୟତରେ ତାଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଚଉକି ଛାଡ଼ିଦେବ । ଏମିତିବି ନବକୃଷ୍ଣଙ୍କର କ୍ଷମତା ମୋହ ନଥିବା କଥା ସମସ୍ତେ ଜାଣିଥିଲେ। ମହତାବଙ୍କ ମନ୍ତ୍ରୀମଣ୍ଡଳରେ ଥିବାବେଳେ ପୁଅ କାଲୁର ଅକାଳ ବିୟୋଗ ପରେ ନବକୃଷ୍ଣ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇ ଅନୁଗୁଳ ଆଶ୍ରମକୁ ଚାଲି ଯାଇଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ତାଙ୍କ ନାମ ଉଠିବା ବେଳେ ସେ ରାଜି ହୋଇନଥିଲେ। ନେହେରୁ ମଧ୍ୟ ଚାହୁଁଥିଲେ ନବକୃଷ୍ଣ ହିଁ ଓଡ଼ିଶାର ମଙ୍ଗ ଧରନ୍ତୁ । ସେହି ସମୟରେ ମହତାବଙ୍କ ଦୁଇ ଘନିଷ୍ଠ ଯୁବନେତା ହେଉଛନ୍ତି ବିଜୁ ପଟ୍ଟନାୟକ ଓ ବୀରେନ୍ ମିତ୍ର। ଉଭୟ ନବକୃଷ୍ଣଙ୍କୁ ମନାଇବାରେ ସଫଳ ହୋଇଥିଲେ। ଶେଷରେ ନବକୃଷ୍ଣ ୧୯୫୦ ମେ' ୧୨ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ।

**ମହତାବଙ୍କ ରଣନୀତିକୁ ସଫଳ କରିଥିଲେ ବିଜୁ**




## ବାବା ଅବ୍ଜର୍ଭାନନ୍ଦ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସରେ
ଆଗେଇବ ଆମ ଦେଶ,
ସୁରୁଖୁରୁରେ ବଡ଼ ବଡ଼ କାମ
ନିମିଷକେ ହେବ ଶେଷ ।

ଏମିତି ଭାବିକି ସରକାର ଆମ
କଲେ ଗୋଟେ ବଡ଼ ମେଳା,
ଦେଶ ବିଦେଶରୁ କେତେ ଯେ ଆସିଲେ
ଜ୍ଞାନୀ ଲୋକ ଭେଳା ଭେଳା ।

ଏହାରି ଭିତରେ ଗଲୋଗୋଟିଆ ଟା
କରିଦେଲା ବଡ଼ କାଣ୍ଡ,
ଗାଲୁ ଗପ କରି ସଭା ମଝିରେ ସେ
ପୂରେଇଦେଲା ଯେ ଷଣ୍ଢ ।

କିଛି ନବୁଝିକି ବଇଷ୍ଣବ ଭାଇ
ପ୍ରଚାର କରିଲେ ଏହା,
ଚାଇନା ମିଡ଼ିଆ ପର୍ଦ୍ଦାଫାଶ କଲା
ଲୋକହସା ହେଲୁ ଯାହା।

ସରମରେ ମୁଣ୍ଡ ନଇଁଗଲା ବେଳେ
ରାହୁଲ ବାବାଙ୍କ ଚେଲା,
କଟା ଘା'ରେ ଲୁଣ ମାରିଦେଲେ
ଗଞ୍ଜି ଖୋଲି କଲେ ପାଲା ।

ଲାଗୁଛି ଦେଶର ଇଜ୍ଜତ ନେବାକୁ
ସର୍କାର ବିରୋଧୀ ମିଶି,
ମଉକା ତଲାଶ କରନ୍ତି ସଂସଦେ
ସାମନା ସାମନି ବସି ।

ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ଆମେ
ଦେଖିଥିଲୁ ପରା ସିଂହ,
ଚାଇନା କୁକୁର ସୁସୁ କରିଦେଲା
ଧୋଇବୁ କେମିତି ମୁହଁ ?

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।

# ମାଗଣା ନିଅ ଭୋଟ୍ ଦିଅ

**ସମ୍ପ୍ରତି ରାଜନୈତିକ ଦଳ ଓ ସରକାର, ଲୋକଙ୍କୁ ଖୁସି କରି ଭୋଟ୍ ହାତେଇବା ପାଇଁ ମାଗଣା ଯୋଜନାର ପସରା ମେଲାଇ ଦେଉଛନ୍ତି। ଜନ୍ମଠୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା ଖଞ୍ଜି ଦିଆଯାଉଛି। ଅବଶ୍ୟ ଏହି ଯୋଜନା ରୂପକ ଜାଲରେ ଭୋଟର ରୂପକ ମାଛ ଛାଣିବା ଏକ ସହଜ ବାଟ ହୋଇଯାଇଛି। ଆମ ଲୋକମାନେ ବି ଦୀର୍ଘମିଆଦୀ କଥା ଭୁଲି ଆଜି କ'ଣ ମିଳୁଛି ତାହାକୁ ବେଶୀ ଗୁରୁତ୍ୱ ଦେଉଛନ୍ତି। ଗଣତନ୍ତ୍ରରେ ପ୍ରଜା ହିଁ ଭଗବାନ ହୋଇଥିବାରୁ ତାଙ୍କର ସବୁ ଆବଶ୍ୟକତା ପୂରଣ ପାଇଁ ରାଜକୋଷ ଖୋଲି ଦିଆଯାଉଛି। ତେଣିକି ସେ ଖାଲି ହୋଇଯାଉ, ପରବାୟ୍ ନାହିଁ। ଶାସନରେ ରହିବାକୁ ହେଲେ ଏମିତି ହିଁ କରିବାକୁ ପଡ଼ିବ ବୋଲି ସବୁ ଦଳ ଓ ସରକାର ଧରି ନେଇଛନ୍ତି। କିଏ ରାବିଡ଼ି ଯୋଜନାକୁ ମାନବ ପୁଞ୍ଜି ବିକାଶ ଭାବେ ଅଭିହିତ କରୁଛନ୍ତି ଆଉ ଏକ ଅର୍ଥନୀତିର ବିନାଶ ବୋଲି କହୁଛନ୍ତି।**

## ଲାଭ

ସପକ୍ଷବାଦୀଙ୍କ ମତରେ ଅବହେଳିତ ଲୋକଙ୍କୁ ଉପରକୁ ଉଠାଇବାରେ ମାଗଣା ଯୋଜନା ବେଶ୍ ସହାୟକ ହୋଇପାରୁଛି। ଏହାଦ୍ୱାରା ଲୋକଙ୍କର ଜୀବନଧାରଣର ମାନ ବୃଦ୍ଧି ପାଉଛି। ଡେଭେରେକ୍ସ ଆଣ୍ଡ ରୁପ୍ (୨୦୧୩) ଓ ଡୁଫ୍‌ଲୋ (୨୦୦୪)ର ଅଧ୍ୟୟନ ଅନୁଯାୟୀ, ଲୋକଙ୍କୁ ନଗଦ ଅର୍ଥ ପ୍ରଦାନ କରାଯାଉଥିବାରୁ ଗରିବୀ ହ୍ରାସ ପାଇବା ସହ ଶିଶୁ ସ୍ୱାସ୍ଥ୍ୟ ଓ ଶିକ୍ଷାରେ ବି ଉନ୍ନତି ପରିଲକ୍ଷିତ ହେଉଛି । ସେହିପରି ହାନୁସେକ ଓ ଉଜମ୍ୟାନ୍ (୨୦୧୫) ଭଳି ଲେଖକମାନେ ଶିକ୍ଷା ଓ ସ୍ୱାସ୍ଥ୍ୟରେ ଅଧିକ ନିବେଶ ବା ମାଗଣା ଯୋଜନାକୁ ମାନବ ପୁଞ୍ଜି ବିକାଶ ବୋଲି ଅଭିହିତ କରିଛନ୍ତି । ଯାହାକି ଉତ୍ପାଦନ, ଆର୍ଥିକ ଅଭିବୃଦ୍ଧି ଓ ଦୀର୍ଘମିଆଦୀ ସାମାଜିକ ଲାଭ ବୃଦ୍ଧି କରିଥାଏ। ସେହିପରି ବେସଲି ଓ ମାକଲାରେନ୍ (୨୦୧୬) ଅନୁଯାୟୀ, ମାଗଣା ଯୋଜନା ଦ୍ୱାରା ନାଗରିକମାନେ ସଶକ୍ତ ହୋଇଥା'ନ୍ତି। ମାଗଣା ଯୋଜନାର ସପକ୍ଷବାଦୀମାନେ ସାମାଜିକ ନ୍ୟାୟକୁ ଗୁରୁତ୍ୱାରୋପ କରିଥା'ନ୍ତି ।




## କ୍ଷତି

ମାଗଣା ଯୋଜନାର ବିପକ୍ଷବାଦୀଙ୍କ ମତରେ, ଦୀର୍ଘମିଆଦୀ ଭାବେ ମାଗଣା ଯୋଜନା ଜାରିରହିଲେ ବିତ୍ତୀୟ ବ୍ୟବସ୍ଥା ବିଗିଡ଼ିଯାଏ। ରାଜକୋଷ ଉପରେ ଚାପ ବୃଦ୍ଧି ପାଉଥିବାରୁ ତାହା ଆର୍ଥିକ ଅସ୍ଥିରତା ସୃଷ୍ଟି କରିବା ସହ ନିରନ୍ତର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଅପରପକ୍ଷରେ ଦୀର୍ଘମିଆଦୀ ଭିତ୍ତିଭୂମି ବିକାଶ ପାଇଁ ଟଙ୍କା ନିଅଣ୍ଟ ପଡ଼େ । ମାଗଣା ଦ୍ରବ୍ୟ ଓ ସେବା ଦ୍ୱାରା ଦରଦାମ୍ ବୃଦ୍ଧି ହୋଇଥାଏ। ଏହାଛଡ଼ା ରାଜନୈତିକ ଦଳ ଓ ସରକାରଙ୍କ ମଧ୍ୟରେ ଭୋଟ୍ ପାଇଁ ଏଭଳି ପ୍ରତିଦ୍ୱନ୍ଦ୍ୱିତା ଜାରି ରହୁଥିବାରୁ ଲୋକଙ୍କ ମନରେ ମାଗଣା ଯୋଜନା ବସା ବାନ୍ଧିଯାଏ । ସେମାନେ ଅଧିକରୁ ଅଧିକ ମାଗଣା ଯୋଜନାର ଆଶା ରଖିଥା'ନ୍ତି। ଯାହାକି ଋଣ ଭାର ବୃଦ୍ଧି ସହ ବଜେଟ ନିଅଣ୍ଟ ପରିସ୍ଥିତି ସୃଷ୍ଟିକରେ। ରୋଡ୍ରିକ (୨୦୧୪)ଙ୍କ ଭଳି ଗବେଷକମାନଙ୍କ ମତରେ ଏଭଳି ସ୍ୱଳ୍ପମିଆଦୀ ରାଜନୀତିକ ଫାଇଦା ପାଇଁ ସଂସ୍କାର ଓ ଦୀର୍ଘମିଆଦୀ ନିବେଶରେ ବାଧା ସୃଷ୍ଟି ହୋଇଥାଏ । ଏହା ଏକ ନିର୍ଭରଶୀଳ ସଂସ୍କୃତି ଆଡ଼କୁ ବାଟ କଢ଼ାଇନିଏ।

ଶାଶ୍ୱତ ଓଡ଼ିଆ

# ଆରବିଆଇ ରିପୋର୍ଟରେ ଉଦ୍‌ବେଗ

୨୦୨୨ରେ ଆରବିଆଇର ରିପୋର୍ଟ ଅନୁଯାୟୀ, ମାଗଣା ଯୋଜନା ପାଇଁ ପଶ୍ଚିମବଙ୍ଗ, ପଞ୍ଜାବ, କେରଳ, ରାଜସ୍ଥାନ ଓ ଆନ୍ଧ୍ରପ୍ରଦେଶର ଆର୍ଥିକ ସ୍ଥିରତା ବିଗିଡ଼ି ଯାଇଛି। ଏହା ଏକ ସତର୍କ ଘଣ୍ଟି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ସବୁଠୁ ଦୁର୍ଦ୍ଦିନ ସ୍ଥିତି ପଞ୍ଜାବରେ ଦେଖିବାକୁ ମିଳିଛି। ଏହାର ଋଣ ଓ ଜିଡ଼ିପି ଅନୁପାତ ୪୫%ରେ ପହଁଚିଯାଇଛି। ସେହିପରି ରାଜସ୍ଥାନ, କେରଳ ଓ ପଶ୍ଚିମବଙ୍ଗରେ ଋଣ ଓ ଜିଡ଼ିପି ଅନୁପାତ ୩୫%ରେ ପହଁଚିଯାଇଛି। ଆରବିଆଇର ଏଭଳି ଚେତାବନୀ ସତ୍ତ୍ୱେ ମଧ୍ୟ ଭୋଟ୍ ରାଜନୀତି ଓ କ୍ଷମତା ଲୋଭରେ ଅନେକ ରାଜ୍ୟ ଋଣ ଭାର ସତ୍ତ୍ୱେ ମାଗଣା ଯୋଜନା ବଢ଼ାଇ ଚାଲିଛନ୍ତି।

## ମୁଣ୍ଡପିଛା ଅଧିକ ବ୍ୟୟ

ସିକିମ୍ : ୧୨୮୫୦ ଟଙ୍କା
କର୍ଣ୍ଣାଟକ : ୯୦୯୦ ଟଙ୍କା
ତେଲେଙ୍ଗାନା : ୮୫୪୦ ଟଙ୍କା
ଆନ୍ଧ୍ରପ୍ରଦେଶ : ୮୪୯୦ ଟଙ୍କା
ହିମାଚଳପ୍ରଦେଶ : ୮ ହଜାର ଟଙ୍କା

## ମୁଣ୍ଡପିଛା କମ୍ ବ୍ୟୟ

ଗୋଆ : ୧ ହଜାର ଟଙ୍କା
ବିହାର : ୧୫୪୦ ଟଙ୍କା
ୟୁପି : ୧୬୩୦ ଟଙ୍କା
ଏମପି : ୨୦୯୦ ଟଙ୍କା
ଝାରଖଣ୍ଡ : ୨୧୯୦ ଟଙ୍କା

### କର୍ଣ୍ଣାଟକ

ଗୃହଲକ୍ଷ୍ମୀ : ୯ ହଜାର କୋଟି
ଗୃହଜ୍ୟୋତି : ୮ ହଜାର କୋଟି
ବସ୍ ଯାତ୍ରା : ୨ ହଜାର କୋଟି
ଖାଦ୍ୟ ସବସିଡ଼ି : ୬ ହଜାର କୋଟି
ଯୁବକ : ୨୫ ଶହ କୋଟି

### ତାମିଲନାଡୁ

ମହିଳା ଡିବିଟି : ୧୦ ହଜାର କୋଟି
ମହିଳାଙ୍କ ପାଇଁ ବସ୍ ଯାତ୍ରା : ୩ ହଜାର କୋଟି
ସବସିଡ଼ ମିଲ/ରାସନ : ୭ ହଜାର କୋଟି

### ପଶ୍ଚିମବଙ୍ଗ

ଲକ୍ଷ୍ମୀ ଭଣ୍ଡାର : ୧୨ ହଜାର କୋଟି
ସବୁଜ ସାଥି : ୧ ହଜାର କୋଟି
ରାସନ : ୮ ହଜାର କୋଟି

### ଓଡ଼ିଶା

ସୁଭଦ୍ରା : ୧୦ ହଜାର କୋଟି
ପେନସନ : ୬ ହଜାର କୋଟି
ଚାଷୀ : ୧୦ ହଜାର କୋଟି
ଖାଦ୍ୟ ସବସିଡ଼ : ୨୫ ଶହ କୋଟି

### ପଞ୍ଜାବ

ମାଗଣା ବିଜୁଳି : ୧୦ ହଜାର କୋଟି
ମହିଳାଙ୍କୁ କ୍ୟାସ : ୮ ହଜାର କୋଟି
ପେନସନ : ୪ ହଜାର କୋଟି

### ମହାରାଷ୍ଟ୍ର

ମହିଳା ଓ କୃଷି : ୧୫ରୁ ୧୮ ହଜାର କୋଟି
ପାୱାର ସବସିଡ଼ି : ୮ରୁ ୧୦ ହଜାର କୋଟି
ପରିବହନ : ୫ ହଜାର କୋଟି




## କେଉଁ ରାଜ୍ୟରେ ମାଗଣା ଯୋଜନା ପାଇଁ କେତେ ?

| ରାଜ୍ୟ | ଟଙ୍କା | ଜିଡ଼ିପି% |
|---|---|---|
| ଆନ୍ଧ୍ରପ୍ରଦେଶ | ୪୫ ହଜାର କୋଟି | ୩.୨% |
| ଅରୁଣାଚଳପ୍ରଦେଶ | ୧ ହଜାର କୋଟି | ୨.୫% |
| ଆସାମ | ୯ ହଜାର କୋଟି | ୧.୫% |
| ବିହାର | ୨୦ ହଜାର କୋଟି | ୨.୫% |
| ଛତିଶଗଡ଼ | ୧୨ ହଜାର କୋଟି | ୨.୪% |
| ଗୋଆ | ୧୫ ଶହ କୋଟି | ୧.୫% |
| ଗୁଜୁରାଟ | ୧୮ ହଜାର କୋଟି | ୦.୭% |
| ହରିୟାଣା | ୮ ହଜାର କୋଟି | ୦.୭% |
| ହିମାଚଳପ୍ରଦେଶ | ୬ ହଜାର କୋଟି | ୩% |
| ଝାରଖଣ୍ଡ | ୭ ହଜାର କୋଟି | ୧.୮% |
| କର୍ଣ୍ଣାଟକ | ୬୦ ହଜାର କୋଟି | ୨.୪% |
| କେରଳ | ୨୫ ହଜାର କୋଟି | ୨.୩% |
| ମଧ୍ୟପ୍ରଦେଶ | ୧୮ ହଜାର କୋଟି | ୧.୪% |
| ମହାରାଷ୍ଟ୍ର | ୭୫ ହଜାର କୋଟି | ୧.୮% |
| ମଣିପୁର | ୧୨ ଶହ କୋଟି | ୨.୪% |
| ମେଘାଳୟ | ୧୫ ଶହ କୋଟି | ୨.୫% |
| ମିଜୋରାମ | ୮ ଶହ କୋଟି | ୨.୭% |
| ନାଗାଲାଣ୍ଡ | ୧୨ ଶହ କୋଟି | ୩% |
| **ଓଡ଼ିଶା** | **୨୨ ହଜାର କୋଟି** | **୨.୪%** |
| ପଞ୍ଜାବ | ୨୦ ହଜାର କୋଟି | ୨.୮% |
| ରାଜସ୍ଥାନ | ୩୦ ହଜାର କୋଟି | ୨% |
| ସିକିମ୍ | ୯୦୦ କୋଟି | ୨.୨% |
| ତାମିଲନାଡୁ | ୪୫ ହଜାର କୋଟି | ୧.୭% |
| ତେଲେଙ୍ଗାନା | ୩୫ ହଜାର କୋଟି | ୨.୨% |
| ତ୍ରିପୁରା | ୧୫ ଶହ କୋଟି | ୧.୯% |
| ଉତ୍ତରପ୍ରଦେଶ | ୪୦ ହଜାର କୋଟି | ୧.୭% |
| ଉତ୍ତରାଖଣ୍ଡ | ୩୫ ଶହ କୋଟି | ୧.୨% |
| ପଶ୍ଚିମବଙ୍ଗ | ୩୦ ହଜାର କୋଟି | ୧.୮% |

(ବିଭିନ୍ନ ରିପୋର୍ଟ ଆଧାରରେ ଏହା ପ୍ରସ୍ତୁତ ହୋଇଛି। ୨୦୨୬-୨୭ ବଜେଟ୍‌କୁ ହିସାବକୁ ନେଲେ ଅନେକ ରାଜ୍ୟରେ ଏହା ବଢ଼ିଯାଇପାରେ)

## ପ୍ରାଚୀନ ରୋମ୍ ଓ ଅଗଷ୍ଟସ୍ ବ୍ରେଡ଼ ଆଣ୍ଡ ସର୍କସ

ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରେ ସମ୍ରାଟ ଅଗଷ୍ଟସ ରୋମ୍‌ରେ ୨ ଲକ୍ଷ ଲୋକଙ୍କୁ ବହୁ ରିହାତି ଦରରେ ଶସ୍ୟସାମଗ୍ରୀ ଯୋଗାଇଥିଲେ । ଅନାହାର ପାଇଁ ଦଙ୍ଗା ହେଉଥିବାରୁ ସେ ଏଭଳି ପଦକ୍ଷେପ ନେଇଥିଲେ। ସେହିପରି ଲୋକମାନଙ୍କୁ ମନୋରଞ୍ଜନ ମନସ୍କ କରାଇବା ପାଇଁ ମାଗଣାରେ ଗ୍ଲାଡ଼ିଏଟର ଫାଇଟ୍ ଓ ସର୍କସ ଭଳି ମନୋରଞ୍ଜନ କାର୍ଯ୍ୟକୁ ପ୍ରୋତ୍ସାହିତ କରିଥିଲେ । ଲୋକମାନେ ମନୋରଞ୍ଜନରେ ଅଧିକ ବ୍ୟସ୍ତ ରହିଗଲେ, ସେମାନେ କ୍ଷମତା ଉପରେ ପ୍ରଶ୍ନ ଉଠାଇବା ବା ସେଦିଗରେ ଚିନ୍ତା କରିବା ଭୁଲିଯିବେ।

## ପ୍ରାଚୀନ ଭାରତ: ରାଜଧର୍ମ

ପ୍ରାଚୀନ ଭାରତରେ ମାଗଣା ଯୋଜନାକୁ ରାଜଧର୍ମ ଭାବେ ଅଭିହିତ କରାଯାଉଥିଲା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ କୌଟିଲ୍ୟ ତାଙ୍କ ଅର୍ଥଶାସ୍ତ୍ରରେ ଅବହେଳିତ, ଅନାଥ ଓ ବୟସ୍କଙ୍କୁ ମାଗଣା ଖାଦ୍ୟ ଓ ଅନ୍ୟ ସୁବିଧା ସୁଯୋଗ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ତେବେ ଏହା ସହ ସେ ଜଳସେଚନ, ଡ୍ୟାମ ଓ ବାଣିଜ୍ୟିକ କାରବାର ବୃଦ୍ଧି ଉପରେ ବି ଗୁରୁତ୍ୱ ଦେଇଥିଲେ ।

ସମ୍ରାଟ ଅଶୋକ ଧାମ ମହାମାତ୍ରାଙ୍କୁ ନିଯୋଜିତ କରିଥିଲେ। ଯେଉଁମାନେ କି ବୟସ୍କ ଓ ଅବହେଳିତଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରୁଥିଲେ। ଦୁର୍ଭିକ୍ଷ ବେଳେ ଲୋକମାନଙ୍କୁ ମାଗଣାରେ ଶସ୍ୟ ବଣ୍ଟନ କରାଯାଉଥିଲା ।

## ପ୍ରାଚୀନ ଇଜିପ୍ ମନ୍ଦିର ପାଲଟିଥିଲା ଶସ୍ୟ ଭଣ୍ଡାର

ପ୍ରାଚୀନ ଇଜିପ୍ଟରେ ମନ୍ଦିରଗୁଡ଼ିକରେ ଶସ୍ୟ ଭଣ୍ଡାର ରହିଥିଲା। ନୀଳ ନଦୀ କୂଳରେ ଉତ୍ପାଦିତ ବଳକା ଶସ୍ୟ ସେଠାରେ ରଖାଯିବା ସହ ଅବହେଳିତ ଓ ଗରିବମାନଙ୍କୁ ମାଗଣାରେ ବିତରଣ କରାଯାଉଥିଲା। ସେହିପରି ଦାତବ୍ୟ ଅନୁଷ୍ଠାନଗୁଡିକୁ ପ୍ରୋତ୍ସାହିତ କରାଯାଉଥିଲା । ଯେଉଁଠାରେ ଗରିବମାନଙ୍କୁ ମାଗଣାରେ ବ୍ରେଡ ବଣ୍ଟନ କରାଯାଉଥିଲା।

## ମେସୋପଟାମିଆ ସଭ୍ୟତା

ମନ୍ଦିରଗୁଡ଼ିକ ହାତରେ ବହୁ କୃଷିକ୍ଷେତ୍ର ରହିଥିଲା । ସେଥିରୁ ଉତ୍ପାଦିତ ଶସ୍ୟକୁ ମହଜୁଦ୍ ରଖାଯାଉଥିଲା । ଯେଉଁ ସମୟରେ ଫସଲ କମ୍ ଉତ୍ପାଦିତ ହେଉଥିଲା ବା ମରୁଡ଼ି ପଡୁଥିଲା ସେହି ସମୟରେ ଗରିବମାନଙ୍କୁ ମାଗଣାରେ ଦିଆଯାଉଥିଲା ।

## ପ୍ରାଚୀନ ଗ୍ରୀସ୍

ଏଥେନ୍ସ ସହରରେ ଭିନ୍ନକ୍ଷମମାନଙ୍କୁ ପ୍ରତିଦିନ ଭତ୍ତା ପ୍ରଦାନ କରାଯାଉଥିଲା। ସେହିପରି ଯୁଦ୍ଧରେ ଅନାଥ ହୋଇଯାଉଥିବା ଲୋକଙ୍କୁ ପେନସନ ମିଳୁଥିଲା ।

## ପ୍ରାଚୀନ ଚୀନ୍

ଅସୁସ୍ଥ, ଦୁଃସ୍ଥ ଓ ଗରିବମାନଙ୍କ ସାମାଜିକ ସ୍ଥିରତା ପାଇଁ ଆବଶ୍ୟକ ଅନୁସାରେ ଖାଦ୍ୟ ଓ ଭତ୍ତାର ବ୍ୟବସ୍ଥା କରାଯାଉଥିଲା ।

# ବଡ଼ଚଣା ଏନଏସି ନିର୍ବାଚନ

# ରାଜନାରାୟଣଙ୍କ ପାଇଁ ଆହ୍ୱାନ

**ଯାଜପୁରରୁ ବିକ୍ରମ କେଶରୀ ବିଶ୍ୱାଳ**

ଚଣ୍ଡୀଖୋଲ ଏନଏସି ନିର୍ବାଚନ ପାଇଁ ପ୍ରସ୍ତୁତି ଜୋର ଧରିଛି। ପ୍ରଥମ ଥର ନିର୍ବାଚନ ହେଉଥିବାରୁ ଏନଏସି କବ୍‌ଜା କରିବା ପାଇଁ ବିଧାୟକ ଅମର ନାୟକ ସବୁ ରଣନୀତି କରିସାରିଲେଣି। ଅପରପକ୍ଷରେ ବଡ଼ଚଣା ବିଜେଡ଼ି ଦୁର୍ବଳ ହୋଇଯାଇଥିବାରୁ ସଂଗଠନକୁ ସଶକ୍ତ କରି ଲଢ଼େଇ କରିବା ଏବେ ରାଜ ନାରାୟଣ ମହାପାତ୍ରଙ୍କ ପାଇଁ ଆହ୍ୱାନ ସୃଷ୍ଟିକରିଛି ।



ଏକଦା ବଡ଼ଚଣାରେ ଚାଲିଥିଲା ବିଜେଡ଼ିର ରାଜ୍ । କିନ୍ତୁ ଅମର ନାୟକ ବିଜେଡ଼ିର ବିଜୟ ରଥରେ ବ୍ରେକ୍ ଲଗାଇଛନ୍ତି। ସେପଟେ ୨୦୨୪ରେ ଟିକେଟ ପାଇନଥିବାରୁ ବଡ଼ଚଣା ରାଜନୀତିରୁ ଦୂରେଇ ଯାଇଛନ୍ତି ଅମର ପ୍ରସାଦ ଶତପଥି। ବିଜେଡ଼ି ସହ ସେ ନଥିବାବେଳେ ନୂଆ ସମୀକରଣରେ ଲାଗିପଡ଼ିଛନ୍ତି। ଏହି ମଉକାରେ ବଡ଼ଚଣା ବିଧାୟକ ବିଜେପିକୁ ମଜବୁତ୍ କରିବାରେ ଲାଗିଛନ୍ତି। ପୂର୍ବରୁ ସେ ବିଜୁ ଜନତା ଦଳରେ ଥିବାରୁ ତାଙ୍କ ସହ ଅନେକ କର୍ମୀଙ୍କର ଭଲ ସମ୍ପର୍କ ରହିଛି। ଆଉ ବିଜେଡ଼ି ଉଧାଇବାର ନଥିବାରୁ ସେମାନେ ଅମର ନାୟକଙ୍କ ସହ ହାତ ମିଳାଉଥିବା ଲକ୍ଷ୍ୟ କରାଯାଉଛି। ଯାହାକି ରାଜନାରାୟଣଙ୍କ ରକ୍ତଚାପ ବଢ଼ାଇ ଚାଲିଛି।

କ୍ଷମତାରେ ଥିବା ବେଳେ ଦଳଦଳ ହୋଇ ବିଜେଡ଼ିକୁ ଲୋକେ ଆସୁଥିଲେ। ନେତୃତ୍ୱ ନେବାକୁ ଏକାଧିକ ଆଗେଇ ଆସୁଥିଲେ। କିନ୍ତୁ କ୍ଷମତା ଚାଲିଗଲା ପରେ କର୍ମୀ, କାର୍ଯ୍ୟକର୍ତ୍ତା, ପଞ୍ଚାୟତ ପ୍ରତିନିଧି ଦଳ ଛାଡିଲେ । ନେତୃତ୍ୱ ନେବାକୁ ଆଗଭର ହେଉଥିବା ନେତା କରଛଡା ଦେଲେ। ଯାହାଙ୍କୁ ନେତୃତ୍ୱ ନେବାକୁ ଦଳ ସୁଯୋଗ ଦେଇଥିଲା, ନିର୍ବାଚନରେ ଚିତ୍‌ପଟାଙ୍ଗ ଦେବା ପରେ ନିର୍ବାଚନ ମଣ୍ଡଳୀ ଛାଡିଲେ। କହିବାକୁ ଗଲେ ଦଳ ଏକ ପ୍ରକାର ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଥିବା ବେଳେ ଆଗକୁ ଆସୁଛି ପୌର ନିର୍ବାଚନ। ଯାହା ବିଜେଡିର ଚିନ୍ତା ବଢାଇ ଦେଇଛି। ସେପଟେ ବିଜେପି ସରକାରକୁ ଆସିବା ଏବଂ ବଡଚଣା ଦଖଲ କରିବା ପରେ ବ୍ଲକ ହାତରୁ ଚାଲିଗଲା। ଜିଲା ପରିଷଦ ଉପାଧ୍ୟକ୍ଷ ସହ ୩ ଜଣ ଜିଲାପରିଷଦ ଦଳକୁ ବାଏବାଏ କରିସାରିଛନ୍ତି। ଏହାରି ଭିତରେ ନୂତନ କରି ମାନ୍ୟତା ଲାଭ କରିଥିବା ଚଣ୍ଡୀଖୋଲ ଏନଏସି ନିର୍ବାଚନ ଡାକରା ଆସିଲାଣି। ଏକଦା ନେତୃତ୍ୱ କନ୍ଦଳ ଭିତରେ ବୁଡିଥିବା ବଡଚଣା ବିଜେଡି ଏବେ ରାଜନାରାୟଣ ମହାପାତ୍ରଙ୍କ ହାତରେ ରହିଛି । ରାଜନାରାୟଣଙ୍କୁ ଏକ ସମୟରେ ଗ୍ରହଣ କରିପାରୁ ନଥିବା ଛାମୁଆ ନେତା ଦଳ ଛାଡି ଚାଲିଯିବା ପରେ ଏବେ ରାଜ୍ୟ ନେତୃତ୍ୱ କ୍ୟାପଟେନଙ୍କ ହାତରେ ବଡଚଣା ସଂଗଠନ ଦେଇଛନ୍ତି। କ୍ୟାପ୍‌ଟେନ ରାଜନାରାୟଣ କେତେବେଳେ ବନ୍ଧୁ ମିଳନ ଆଳରେ ଶକ୍ତି ଯୋଗାଡରେ ଲାଗି ପଡିଥିବାବେଳେ କେତେବେଳେ ସାଂଗଠନିକ ବୈଠକ ମାଧ୍ୟମରେ ସଂଗଠନ ବଳ ଯୋଗାଡରେ ଲାଗିପଡିଛନ୍ତି। ବିଧାନସଭା ନିର୍ବାଚନ ଲଢିବାର ସୁଯୋଗରେ କଂଗ୍ରେସ ଛାଡି ବିଜେଡିକୁ ଆସିଥିବା କ୍ୟାପଟେନ ରାଜନାରାୟଣଙ୍କ ପାଇଁ କିନ୍ତୁ ଆଗାମୀ ଏନଏସି ନିର୍ବାଚନ ଅଗ୍ନିପରୀକ୍ଷା ହେବାକୁ ଯାଉଛି। ଏନଏସି ଅନ୍ତର୍ଗତରେ ଆସୁଥିବା ପଞ୍ଚାୟତମାନଙ୍କରେ ବୈଠକ କରିବା ସହ ମିଶ୍ରଣ ପର୍ବ ଆୟୋଜନର ଫର୍ମୁଲା ଆପଣାଇଥିବା ତାଙ୍କ ନିକଟତମ ସୂତ୍ରରୁ ଜାଣିବାକୁ ମିଳିଛି। ଶାସନ ପୁରୁଷୋତ୍ତମପୁର ଗ୍ରାମରେ ଯୁବପିଢିଙ୍କୁ ନେଇ ସାଂଗଠନିକ ବୈଠକର ଆୟୋଜନ ହୋଇଥିଲା। ବୈଠକରେ ଅନ୍ୟଦଳର ଯୁବକର୍ମୀଙ୍କୁ ବିଜେଡିରେ ସାମିଲ କରାଯାଇଥିଲା। ଏହା ଏନଏସି ନିର୍ବାଚନ ପାଇଁ ବିଜେଡିର ପ୍ରଥମ ବୈଠକ ଏବଂ ପ୍ରଥମ ମିଶ୍ରଣ ପର୍ବ ବୋଲି କୁହାଯାଉଥିବା ବେଳେ ଆଗକୁ ଅନ୍ୟ ପଞ୍ଚାୟତମାନଙ୍କରେ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ପ୍ରଶ୍ନ ଉଠୁଛି ଦୁର୍ବଳ ସଂଗଠନକୁ କେତେ ମଜବୁତ କରିପାରିବେ କ୍ୟାପଟେନ ରାଜନାରାୟଣ? ଯାହାଙ୍କ ନେତୃତ୍ୱ ପଛରେ ରହିବାକୁ ଅନାଗ୍ରହ ପ୍ରକାଶ କରି ବିଜେଡିର ଟାଣୁଆ ସଂଗଠକ ଦଳ ଛାଡିଲେ ତାଙ୍କ ନେତୃତ୍ୱକୁ କର୍ମୀ ସହଜରେ ଗ୍ରହଣ କରିବା କୌଣସି ମତେ ସହଜ ବ୍ୟାପାର ନୁହେଁ। ଏକଥା ଏଇଥିପାଇଁ କହୁଛୁ କି ଜାନୁଆରୀ ମାସ ପ୍ରଥମ ସପ୍ତାହରେ ରାଜନାରାୟଣ ଚାରିନଙ୍ଗଳ ପଞ୍ଚାୟତରେ ବିଜେଡି ପକ୍ଷରୁ ଆୟୋଜିତ ଏକ ବନ୍ଧୁ ମିଳନରେ ଯୋଗ ଦେଇଥିଲେ। ପଞ୍ଚାୟତ ବିଜେଡି ସଭାପତି ଗୋଲାମ କିବିରିଆ ଖାଁ ଓ ତାଙ୍କ ସହଧର୍ମିଣୀ ସରପଞ୍ଚ ନୁରଜାନ ବେଗମଙ୍କ ଆୟୋଜନ କ୍ରମେ ଅନୁଷ୍ଠିତ ବନ୍ଧୁ ମିଳନରେ ପୂର୍ବତନ ସରପଞ୍ଚ ଯଦୁମଣି ଦାସ, ପୂର୍ବତନ ସମିତିସଭ୍ୟ ସେକ୍ ମୋଇନ ଅହେମ୍ମଦ, ପୂର୍ବତନ ଜୋନ ବିଜେଡି ସଭାପତି ତଥା ପ୍ରାକ୍ତନ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ଦାସ, ନିତ୍ୟାନନ୍ଦ ପୃଷ୍ଟି, ଉମେଶ ଚନ୍ଦ୍ର ସାମଲ, ଜନାର୍ଦ୍ଦନ ବଳ, ଅକ୍ଷୟ କୁମାର ବଳ, ଅରସାଦ ଅହେମ୍ମଦ, ସତାର ସା ଓ ବାପି ସାମଲଙ୍କ ସମେତ ଅନେକ ନେତା ଯୋଗ ଦେଇନଥିଲେ । ଯେଉଁ କାରଣରୁ ଉକ୍ତ ବନ୍ଧୁ ମିଳନ ଫିକା ପଡିଯାଇଥିଲା ଆଉ ବିଜେଡି କନ୍ଦଳ ପଦାରେ ପଡିଥିଲା ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA

ଗର୍ବିତ ଓଡ଼ିଆ

# 'ହାତ' ଛାଡ଼ିଲେ ଜୟରାମ

## 'ଦଣ୍ଡକାରଣ୍ୟ' ସ୍ୱପ୍ନରେ ମସଗୁଲ୍



**ରାୟଗଡାରୁ ଟି. ଅଶୋକ କୁମାର**

ଜୟରାମ ପାଙ୍ଗୀ । ଅବିଭକ୍ତ କୋରାପୁଟ ଜିଲ୍ଲାର ଜଣେ ଟାଣୁଆ ନେତା । ବିଧାୟକ, ମନ୍ତ୍ରୀ ଓ ସାଂସଦ ବି ହୋଇଛନ୍ତି । ଲୋକପ୍ରିୟ ସଂଗଠକ ଭାବେ ବି ବେଶ୍ ଜଣାଶୁଣା । ଅବଶ୍ୟ ଜୟରାମ ଇତିମଧ୍ୟରେ ସବୁ ଦଳ ବୁଲି ଆସିଲେଣି । ବିଜେଡ଼ିରୁ ବିଜେପି, ପୁଣି କଂଗ୍ରେସ ସବୁଠି ବୁଲି ଆସିଥିଲେବି ଜନତା ଦଳ ଓ ବିଜେଡିରେ ହିଁ ଯାହା ସଫଳତା ପାଇଥିଲେ । ବାରବାର ହାରିବା ପରେ ଏବେ ଜୟରାମ ନୂଆ ରାଜ୍ୟ ଗଢ଼ିବାର ସ୍ୱପ୍ନ ଦେଖିବା ଆରମ୍ଭ କରିଦେଲେଣି । ଯେଉଁଥିପାଇଁ ସେ କଂଗ୍ରେସ ଛାଡ଼ି ଦଣ୍ଡକାରଣ୍ୟ ପର୍ବତାଞ୍ଚଳ ବିକାଶ ପରିଷଦର ନେତୃତ୍ୱ ନେଉଛନ୍ତି । କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ସମେତ ଆନ୍ଧ୍ରର ଆଲୋରି ସୀତାରାମରାଜୁ ଓ ମାନ୍ୟମ ଜିଲ୍ଲାର ବିକାଶ କଥା ଚିନ୍ତା କରୁଛନ୍ତି ବୋଲି କହୁଛନ୍ତି ।

ଏଇ ନିକଟରେ ଓଡ଼ିଶା- ଆନ୍ଧ୍ର ସୀମାନ୍ତ କୋଟିଆ ଠାରେ ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ପକ୍ଷରୁ ଆୟୋଜିତ ସମ୍ମିଳନୀରେ ଶ୍ରୀ ପାଙ୍ଗି ଘୋଷଣା କରିଛନ୍ତିଯେ, ଦଣ୍ଡକାରଣ୍ୟ ରାଜ୍ୟ ଗଠନ ନ ହେବାଯାଏଁ ସେ କୌଣସି ରାଜନୈତିକ ଦଳରେ ଯୋଗଦେବେ ନାହିଁ । ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ଜରିଆରେ ପ୍ରଚାର ପ୍ରସାର କରି ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଓ ସଂଗଠନକୁ ଦୃଢ଼ କରିବା ପାଇଁ ଶ୍ରୀ ପାଙ୍ଗି ଆସନ୍ତା ଏପ୍ରିଲ ମାସଠାରୁ ନିଜର ପେନସନରୁ ମାସିକ ଲକ୍ଷେ ଟଙ୍କା ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ ଅଫିସ୍ ଖର୍ଚ୍ଚ ପାଇଁ ଦାନ କରିବେ ।

ଜୟରାମ ପାଙ୍ଗି ଜଣେ ଜଣାଶୁଣା ଆଦିବାସୀ ନେତା । ତୃଣମୂଳସ୍ତରରୁ ସଂଗଠନ କରି ସେ ବିଧାନସଭା ଓ ଲୋକସଭାକୁ ଯାଇପାରିଥିଲେ । ରାଜନୀତିରେ ପ୍ରବେଶ ପୂର୍ବରୁ ନିଜ ଗାଁ ଥୁରିଆରେ ଶିକ୍ଷକତା କରୁଥିଲେ । ଶ୍ରୀ ପାଙ୍ଗୀଙ୍କ ପରିବାର କଂଗ୍ରେସ ପରିବାର ସହ ଜଡ଼ିତ । ପାଙ୍ଗୀଙ୍କ ବାପା କଂଗ୍ରେସରୁ ବିଧାୟକ ହୋଇଥିଲେ । ସେହିପରି ପାଙ୍ଗିଙ୍କ ପିଉସୀ ଚନ୍ଦ୍ରମା ଶାଉନ୍ତା ମଧ୍ୟ ପଟାଙ୍ଗିର ବିଧାୟକ ହୋଇଥିଲେ । ତେବେ ବିଜୁ ପଟ୍ଟନାୟକ ଯୁବ ଶିକ୍ଷକ ଜୟରାମ ପାଙ୍ଗିଙ୍କୁ ଜନତା ଦଳରେ ସାମିଲ୍ କରିଦେଇଥିଲେ । ଆଉ ସବୁଠାରୁ ବଡ଼ କଥା ହେଉଛି, ପଟାଙ୍ଗୀ ନିର୍ବାଚନମଣ୍ଡଳୀରେ ନିଜ ପିଉସୀଙ୍କ ବିରୋଧରେ ନିର୍ବାଚନ ଲଢ଼ି ସେ ବିଜୟୀ ହୋଇଥିଲେ । ପଟାଙ୍ଗୀରୁ ୪ ଥର ବିଧାୟକ ହୋଇ ବିଜୁ ପଟ୍ଟନାୟକଙ୍କ ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ହୋଇଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ୯ ଥରର କୋରାପୁଟ ସାଂସଦ ଗିରିଧର ଗମାଙ୍ଗଙ୍କୁ ୨୦୦୯ ରେ ପରାସ୍ତ କରି କୋରାପୁଟ ସାଂସଦ ଭାବେ ବିଜୟ ମୁକୁଟ ପିନ୍ଧି ଚର୍ଚ୍ଚା ସୃଷ୍ଟି କରିଥିଲେ । ୨୦୧୭ରେ ପାଙ୍ଗୀଙ୍କ ରାଜନୈତିକ କ୍ୟାରିଅର ନୂଆମୋଡ଼ ନେଇଥିଲା । ସ୍ଥିତି ଏମିତି ହୋଇଥିଲାଯେ, ସେ ବିଜେଡ଼ି ଛାଡ଼ି ବିଜେପିକୁ ଯାଇଥିଲେ । ୨୦୧୯ରେ ସେ ବିଜେପି ଟିକେଟରେ କୋରାପୁଟ ଲୋକସଭା ଆସନରୁ ଲଢ଼ିଥିଲେବି ସଫଳ ହୋଇନଥିଲେ । ୨୦୨୨ରେ ସେ ବିଜେପି ଛାଡ଼ି କଂଗ୍ରେସରେ ସାମିଲ ହୋଇଥିଲେ । କଂଗ୍ରେସ ତାଙ୍କୁ ରାଜ୍ୟ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦେଇଥିଲା । ହେଲେ ୨୦୨୪ରେ ଦଳ କିନ୍ତୁ ତାଙ୍କୁ ଟିକେଟ୍ ଦେଇନଥିଲା । ସେବେଠାରୁ କଂଗ୍ରେସ ଛାଡ଼ିବାକୁ ସୁଯୋଗ ବି ଖୋଜୁଥିଲେ । ପରେପରେ ଦଣ୍ଡକାରଣ୍ୟ ପର୍ବତମାଳା ବିକାଶ ପରିଷଦ କରି ସଂଗଠନ ଜାରି ରଖିଛନ୍ତି । ଦେଖାଯାଉ ଜୟରାମଙ୍କ ଅଭିଯାନ କେତେ ସଫଳ ହେଉଛି ।

# କମିଗଲା ସମ୍ବିତଙ୍କ କ୍ରେଜ୍

୨୦୧୯ରେ ହଠାତ୍ ପୁରୀ ଲୋକସଭା ମଇଦାନକୁ ଡେଇଁଥିଲେ ସମ୍ବିତ ପାତ୍ର । ନିଆରା ପ୍ରଚାର କରି ସେ ବେଶ୍ ଚର୍ଚ୍ଚାରେ ରହିଥିଲେ । ଏମିତିବି ଜାତୀୟସ୍ତରରେ ଜଣେ ଭଲ ମୁଖପାତ୍ର ଭାବେ ବି ତାଙ୍କର ସୁନାମ ରହିଛି । ନିର୍ବାଚନରେ ହାରିବା ପରେ ଅନେକ ନେତା ମଇଦାନ ଛାଡ଼ି ପଳାନ୍ତି । କିନ୍ତୁ ସମ୍ବିତ ଘନଘନ ଓଡ଼ିଶା ଗସ୍ତ କରୁଥିଲେ । ତାଙ୍କର କ୍ରେଜ ବି ବଢ଼ି ଚାଲିଥିଲା । ଦିଲ୍ଲୀରୁ ଆସୁଥିବାରୁ ପୁରୀ ସଂସଦୀୟ କ୍ଷେତ୍ରରେ ସବୁ ବିଜେପି ନେତା ଓ ନେତ୍ରୀଙ୍କ ତୁଳନାରେ ସମ୍ବିତଙ୍କର କାଟତି ଥିବା ଦେଖିବାକୁ ମିଳିଥିଲା । ଏମିତିବି ସମ୍ବିତ ଆସିଲେ, ଅନେକ ବିଜେପି ନେତା ତାଙ୍କର କାର୍ଯ୍ୟକ୍ରମରେ ସାମିଲ୍ ହେଉଥିଲେ, ଲୋକ ଗଦାଇବାର ଦାୟିତ୍ୱ ନେଉଥିଲେ । କିନ୍ତୁ ୨୦୨୪ ନିର୍ବାଚନ ପରେ ପୁରୀ ରାଜନୀତି ବଦଳିଯାଇଛି । ସମ୍ବିତ ଏବେ ସାଂସଦ ଥିଲେବି ତାଙ୍କ ସଂସଦୀୟ କ୍ଷେତ୍ରରେ ଓ ପୁରୀ ଜିଲ୍ଲାରେ ଅନେକ ନେତା ପାୱାରଫୁଲ୍ ହୋଇଯାଇଛନ୍ତି । ତେଣୁ ସେ ଏବେ ଫିକା ପଡ଼ିଯାଇଛନ୍ତି କହିଲେ ଭୁଲ୍ ହେବନାହିଁ ।



ନିମାପଡ଼ା ଜଗତସିଂହପୁର ସଂସଦୀୟ କ୍ଷେତ୍ରରେ ଥିଲେବି ପୁରୀ ଜିଲ୍ଲାରେ ରହିଛି । ଏବେ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ହେଉଛନ୍ତି ଉପମୁଖ୍ୟମନ୍ତ୍ରୀ । ପାୱାର ଓ ପତିଆରା ଦୃଷ୍ଟିରୁ ସମ୍ବିତଙ୍କ ଠାରୁ ଢେର ଆଗରେ । ସେହିପରି ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ ଏବେ ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ । ମୋହନଙ୍କ ମନ୍ତ୍ରୀମଣ୍ଡଳରେ ସେ ଏବେ ନମ୍ବର ଚାରି । ସେପଟେ ରଣପୁର ବିଧାୟିକା ସୁରମା ପାଢ଼ୀ ଏବେ ବାଚସ୍ପତି । ଏମିତିବି ଗତ ନିର୍ବାଚନ ବେଳେ ସେ ସୁରମାଙ୍କ ଟିକେଟ୍ କାଟିଦେଇଥିଲେ । ସୁରମା ଜିଦ୍ କରିବା ପରେ ତାଙ୍କୁ ଦଳ ଟିକେଟ୍ ଦେବାକୁ ବାଧ ହୋଇଥିଲା । ତେଣୁ ସୁରମାଙ୍କ ସହ ତାଙ୍କର ନପଡ଼ିବା ସ୍ୱାଭାବିକ । ସମ୍ବିତ କେନ୍ଦ୍ରମନ୍ତ୍ରୀ ହେବାକୁ ଆଶା ରଖିଥିଲେବି ତାହା ସମ୍ଭବପର ହୋଇପାରୁନି । କାହିଁକିନା ୨୦୨୪ରେ ରାଜ୍ୟରୁ ୨୦ ସାଂସଦ ନିର୍ବାଚିତ ହୋଇଛନ୍ତି । ବୈଜୟନ୍ତ ପଣ୍ଡା, ଭର୍ତ୍ତୃହରି ମହତାବ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସଂଗୀତା ସିଂହଦେଓଙ୍କ ଭଳି ଅନେକ ପ୍ରଭାବଶାଳୀ ସାଂସଦ ଓଡ଼ିଶାରେ ଅଛନ୍ତି । ତେଣୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଅଦଳବଦଳ ହେଲେବି ତାଙ୍କ ପାଳି ପଡ଼ିବାର ସମ୍ଭାବନା କ୍ଷୀଣ ରହିଛି । ପୁରୀ ସଂସଦୀୟ କ୍ଷେତ୍ରରେ ପୂର୍ବଭଳି ଖାତିର ନଥିବାରୁ ସେ ବି ଆଉ ବେଶୀ ନିର୍ବାଚନମଣ୍ଡଳୀ ଗସ୍ତ କରୁନଥିବା ଦେଖିବାକୁ ମିଳୁଛି । ଯଦି ବି ଗସ୍ତ କରୁଛନ୍ତି ଅନେକ ନେତା ତାହାକୁ ଆଉ ଗୁରୁତର ସହ ନେଉନାହାନ୍ତି ।

## ବିଜେପିର ରାଜ୍ୟସଭା ମନ୍ଥନ

# ଦିଲ୍ଲୀ ଯିବାକୁ ଅମଙ୍ଗ ମନମୋହନ



ରାଜ୍ୟସଭା ନିର୍ବାଚନ ପାଇଁ ବିଗୁଲ ବାଜି ସାରିଥିବାରୁ ଏବେ ବିଜେପି ରାଜନୀତି ସରଗରମ ହୋଇଯାଇଛି। ରାଜ୍ୟସଭା ଦୌଡ଼ରେ ସବୁଠାରୁ ଆଗରେ ଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ତେବେ ଦଳୀୟ ଅଳିନ୍ଦରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ନିଜେ ମନମୋହନ ରାଜ୍ୟସଭା ଯିବାକୁ ଅମଙ୍ଗ ଅଛନ୍ତି। ସେ ଓଡ଼ିଶାରେ ଦଳକୁ ମଜବୁତ୍ କରିବାକୁ ଚାହୁଁଛନ୍ତି । ସେହିପରି ଆଗାମୀ ଦିନରେ ବୋର୍ଡ଼ ଓ ନିଗମରେ ପରାଜିତ ବିଧାୟକ ପ୍ରାର୍ଥୀ କିମ୍ବା ଦଳୀୟ ପଦାଧିକାରୀଙ୍କୁ ଥଇଥାନ କରିବାକୁ ଦଳ ଯୋଜନା କରିଛି। ସେଥିପାଇଁ ସେ ମଧ୍ୟ ରାଜ୍ୟସଭା ରେସରୁ ନିଜ ଆଡୁ ଓହରିଥିବା କୁହାଯାଉଛି।

ଦଳୀୟ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ କୋର୍ କମିଟି ବୈଠକ ବସିଥିବାବେଳେ ରାଜ୍ୟସଭା ନିର୍ବାଚନ ନେଇ ଆଲୋଚନା ହୋଇଥିଲା। ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡ଼ା ପୂର୍ବତନ ରାଜ୍ୟ ସଭାପତି ତଥା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବସନ୍ତ ପଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ, ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡା. ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଉପସ୍ଥିତ ଥିଲେ। ତେବେ ରାଜ୍ୟସଭା ନିର୍ବାଚନ ନେଇ ସମସ୍ତ ନିଷ୍ପତ୍ତି କେନ୍ଦ୍ରୀୟ ନେତୃତ୍ୱ ନେବାକୁ ରାଜ୍ୟ ବିଜେପି ପକ୍ଷରୁ ଅନୁରୋଧ କରାଯିବ। ରାଜ୍ୟ ବିଜେପି ପକ୍ଷରୁ କାହାର ନାମ ସୁପାରିଶ୍ କରାଯିବ ନାହିଁ ବୋଲି ଜାଣିବାକୁ ମିଳିଛି ।

## ସ୍ୱାଧୀନ ପ୍ରାର୍ଥୀ ଯାଇପାରନ୍ତି ରାଜ୍ୟସଭା

୨୦୧୪ରେ ବିଜେଡ଼ି ରଘୁନାଥ ମହାପାତ୍ରଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଗକୁ ଆଣିଥିଲା। ସେପଟେ କଂଗ୍ରେସ କିଭଳି ଜିତିପାରିବନି ସେନେଇ ରଣନୀତି କରିଥିଲା ଜାତୀୟ ବିଜେପି। ସେହି ସମୟରେ କନକବର୍ଦ୍ଧନ ସିଂହଦେଓଙ୍କ ଭଳି ନେତାମାନେ ରାଜି ନଥିଲେବି କେନ୍ଦ୍ରୀୟ ବିଜେପି ପକ୍ଷରୁ ରଘୁନାଥଙ୍କୁ ଭୋଟ୍ ଦେବା ପାଇଁ ନିର୍ଦ୍ଦେଶ ଆସିଥିଲା । ଅମିତ ଶାହଙ୍କ ନିର୍ଦ୍ଦେଶରେ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଆସି ଏନେଇ ଅଙ୍କ କଷିଥିଲେ। ଅବଶ୍ୟ ବିଜେଡ଼ିରେ ତାଳମେଳର ଅଭାବ ଓ କ୍ରସ୍ ଭୋଟିଂ ଯୋଗୁଁ ରଞ୍ଜୀବ ବିଶ୍ୱାଳ ବାଜି ମାରିନେଇଥିଲେ । ଏକଥା ଉଲ୍ଲେଖ କରିବାର କାରଣ ହେଉଛି, ଆଗାମୀ ରାଜ୍ୟସଭା ନିର୍ବାଚନରେ ଉଭୟ ବିଜେପି ଓ ବିଜେଡ଼ି ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ରାଜ୍ୟସଭାକୁ ପଠାଇବା ପାଇଁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି । ବିଜେପି ୨ ଆସନରେ ପ୍ରାର୍ଥୀ ଦେବ । ଅନ୍ୟ ଏକ ଆସନ ପାଇଁ ଜାତୀୟସ୍ତରର ଖ୍ୟାତିସମ୍ପନ୍ନ ସାମ୍ବାଦିକ ଓ ଶିଳ୍ପପତିଙ୍କୁ ଦଳ ଖୋଜୁଛି। କିଛି ନାଁ ସର୍ଟଲିଷ୍ଟ ହୋଇଥିଲେବି ଏନେଇ କେହି ମୁହଁ ଖୋଲୁନାହାନ୍ତି । ତାଙ୍କୁ ସ୍ୱାଧୀନ ଭାବେ ପ୍ରାର୍ଥୀ କରାଯିବ । ଉଭୟ ବିଜେପି ଓ ବିଜେଡ଼ି କିଭଳି ତାଙ୍କୁ ସମର୍ଥନ କରିବେ ସେହି ରଣନୀତି କରାଯାଇଛି। ଏଭଳି ହେବା ପଛରେ ଅନେକ ରାଜନୀତିକ କାରଣ ରହିଛି । ଆଜିକା ଦିନରେ ଉଭୟ ବିଜେଡ଼ି ଓ ବିଜେପି ଉପରସ୍ତରରେ ଏକ ବୋଲି ସାରା ଓଡ଼ିଶାକୁ ବାର୍ତ୍ତା ଯାଇସାରିଛି। ଯାହାକୁ ଉଭୟ ଦଳର କର୍ମୀମାନେ ପସନ୍ଦ କରୁନାହାନ୍ତି। ସେଭଳି ବାର୍ତ୍ତା ଯେତେଯିବ କଂଗ୍ରେସ ସେତେ ଫାଇଦା ନେବ । ଭକ୍ତ ଦାସ ବି ଏମିତି ରଣନୀତି କରି ଆସୁଛନ୍ତି । ଆଗାମୀ ଦିନରେ ପଞ୍ଚାୟତ ଓ ପୌର ନିର୍ବାଚନ ବି ରହିଛି । ତେଣୁ ଉଭୟ ଦଳ ଏକ ବୋଲି ବାର୍ତ୍ତା ନଦେବା ପାଇଁ ସ୍ୱାଧୀନ ପ୍ରାର୍ଥୀଙ୍କ ବାହାନା ନିଆଯିବ । ପ୍ରାର୍ଥୀ ସ୍ୱାଧୀନ ହେଲେବି ବସ୍ତୁତଃ ସେ ବିଜେପିର ହିଁ ପରିଗଣିତ

## ଏବର୍ଷ ମନ୍ତ୍ରୀ ଦେବେ ସମ୍ପତ୍ତି ତାଲିକା

ଆଜ୍ଞା, ସବୁ ମିଟିଂରେ ରାଇଜ ମୁଖିଆ ଗୋଟିଏ ପଏଣ୍ଟ ଉପରେ ବେଶୀ ଷ୍ଟ୍ରେସ୍ ଦେଉଛନ୍ତି । ସେଇ ପଏଣ୍ଟଟା ହେଉଛି ନୋ ଟୁ କରପସନ। ଆଉ ମାଫିଆ, ଲାଞ୍ଚୁଆଙ୍କ ନାଁ ଶୁଣିଲେ ସେ ପୂରା ଖପ୍ପା। ସିଧା ସିଧା ଚେତାବନୀ, ସୁଧୁରି ଯା' ନହେଲେ ସୁଧାରିଦେବି ବୋଲି ଧମକ ବି ଦେଉଛନ୍ତି। ହେଲେ ସଜ ମାଛରେ ପୋକ ପକାଇବା ଭଳି ଆଜିକାଲି ବିରୋଧୀମାନେ ସରକାରଙ୍କ ବିରୋଧରେ କରପ୍ସନର ଅଭିଯୋଗ ଆଣିଲେଣି। କିଏ କହୁଛି, କେତେକ ମନ୍ତ୍ରୀ କୁଆଡ଼େ ବ୍ୟାଗ୍ ଯୋଜନା କରିଛନ୍ତି। ମାନେ ବ୍ୟାଗ୍ ଭର୍ତ୍ତି କରି ମାଲ୍ ଆଣିଲେ ତାଙ୍କ କାମ ହେଉଛି। ହେଲେ ଆଜ୍ଞା ଆମକୁ ଯିଏ କହୁଛି, ଆମେ ଗୋଟିଏ କଥା ଶୁଣାଉଛୁ; ଯାହା ନଦେଖିବ ବେନି ନୟନେ, ପରତେ ନଯିବ ଗୁରୁବଚନେ। ହେଲେ ବିରୋଧୀ, ନିନ୍ଦୁକ ଆଉ ଈର୍ଷାଳୁମାନେ ଏକଥା ମାନିବାକୁ ନାରାଜ। ହଉ ଛାଡ଼, ମାନ କି ନମାନ। ଏଇ ବର୍ଷ ମନ୍ତ୍ରୀମାନେ ସମ୍ପତ୍ତି ତାଲିକା ଦେଲେ ଜଣାପଡ଼ିଯିବ । ୨୦୨୪ରେ ତାଙ୍କର କେତେ ଥିଲା, ଆଉ ଏବେ କେତେ ହୋଇଛି। ଗଲା ୨୦୨୪-୨୫ରେ ମନ୍ତ୍ରୀମାନେ ହିସାବ ଦେଇନଥିଲେ। କାଇଁକିନା ସବୁ ହିସାବ ସେମାନେ ଇଲେକ୍ସନ ବେଳେ ଦେଇ ଦେଇଥିଲେ। ଆଉ ୨୦୨୫-୨୬ ଆର୍ଥିକ ବର୍ଷର ହିସାବ କିତାବ ବୋଧେ ସରିନି। ମନ୍ତ୍ରୀମାନେ ସମ୍ପତ୍ତି ତାଲିକା ଦେବାକୁ ପ୍ରଥମେ ଦାବି କରିଥିଲେ ମନମୋହନ ସାମଲ। ଏବେ ସେ ଏକଥା କହିନାହାନ୍ତି ମ, ୨୦୦୦ରେ ସେ ରାଜ୍ୟସଭା ସାଂସଦ ଥିବାବେଳେ ଏଇ ଛୁଙ୍କ ଦେଇଥିଲେ। ସେତେବେଳେ କୁଆଡ଼େ ଅନେକ ମନ୍ତ୍ରୀ ମନମୋହନଙ୍କ ଏଇ କଥାକୁ ନେଇ ଫିଙ୍ଗିକି ଯାଇଥିଲେ। ସମ୍ବାଦରେ ଶ୍ରୀନାରଦ ସେତେବେଳେ ଏଇକଥା ଲେଖିଥିଲେ ବୋଲି ତାଙ୍କ ରାଜଧାନୀ ରାଜନୀତି ବହିରେ ପଢିଥିଲୁ ।

ଗର୍ବିତ ଓଡ଼ିଆ





# ବିଧାନସଭା ଅଚଳ ହେଲେ ଲାଭ କାହାର ?

**କେବେ ପୋଡ଼ିୟମ୍ ନିକଟରେ ନାରାବାଜି ତ କେବେ ରିପୋର୍ଟରସଙ୍କ ଟେବୁଲ ଚାରିପଟେ ସଂକୀର୍ତ୍ତନ । ଚାଷୀଙ୍କ ପାଇଁ ବିରୋଧୀଙ୍କ ଗର୍ଜନ କାନ ଅତଡ଼ା ପକାଇଦେଉଛି । ଚାଲିପାରୁନି ବିଧାନସଭା । ଯାହାକୁ ନେଇ ସାଧାରଣ ଜନତାଙ୍କ ମନରେ କ୍ଷୋଭ । ଗଲାଥର ତ ଭଲରେ ଚାଲିଲା । ଓଃ, ରାଷ୍ଟ୍ରପତିଙ୍କ କଥାକୁ ସମ୍ମାନ ଜଣାଇ ବୋଧେ ଏମିତି ହେଉଥିଲା । କିନ୍ତୁ ଏବେ ରଣନୀତି ବଦଳିଯାଇଛି । ବିରୋଧୀ ଗର୍ଜନ କରୁଛନ୍ତି ଆଉ ଶାସକ କାନରେ ତୁଳା ଦେଇ ମଜା ଦେଖୁଛନ୍ତି । ସମସ୍ତଙ୍କ ମନରେ ଏବେ ପ୍ରଶ୍ନ ବିଧାନସଭା ଅଚଳ ହେଲେ ଲାଭ କାହାର ?**

## କାହାର ଲାଭ ନୁହେଁ: ଟଙ୍କଧର

ବିଧାନସଭା ବନ୍ଦ ହେଲେ, ନିଶ୍ଚିତ ଭାବେ କାହା ପାଇଁ ଲାଭ ନୁହେଁ। ନା ବିରୋଧୀ ନା ଶାସକ ନା ଜନତା, କାହାର ବି ଲାଭ ନାହିଁ। ବିଧାନସଭାରେ ଜନତାଙ୍କ ସ୍ୱାର୍ଥ ସମ୍ବଳିତ ଆଲୋଚନା କରାଯାଇଥାଏ।



ଏଥିରେ ବିରୋଧୀ ଦଳଙ୍କର ମୁଖ୍ୟ ଭୂମିକା ରହିଛି। ଜନତାଙ୍କ ସମସ୍ୟା ସମ୍ପର୍କରେ ବିରୋଧୀ ଦଳ ସରକାରଙ୍କ ନଜରକୁ ଆଣିବା କଥା। ଯାହାକୁ ସରକାର ସମାଧାନ କରିଥା'ନ୍ତି। ଏଠି କିନ୍ତୁ ଓଲଟା ଦେଖାଯାଉଛି। ବିଜେଡ଼ି ଯେବେ ସରକାରରେ ଥିଲା, ସେମାନ ବିଧାନସଭା ବନ୍ଦ କରିବାର ନଜିର ରହିଛି। ଏଠି ସରକାର ଆଲୋଚନା ପାଇଁ ପ୍ରସ୍ତୁତ, ହେଲେ ବିରୋଧୀ ବିଧାନସଭା ବନ୍ଦ କରି ଦେଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳୀ ଦିଆଯାଉଛି। ବିରୋଧୀ ଦଳଙ୍କୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି, ନୂଆପଡ଼ାରେ ବିପୁଳ ଭୋଟ୍‌ରେ ହାରିଛନ୍ତି, ତେଣୁ ଅସ୍ତିତ୍ୱ ରକ୍ଷା ପାଇଁ ନବୀନ ବାବୁ ଗୃହକୁ ଅଚଳ କରୁଛନ୍ତି। ବିରୋଧୀଙ୍କ ଏମିତି ମାଇଲେଜ ନେବା ରଣନୀତିରେ କାହାର ଲାଭ ନାହିଁ।

## କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠନ୍ତୁ ସରକାର : ବ୍ୟୋମକେଶ




ରାଜ୍ୟର ୮୦% ଲୋକ ହେଉଛନ୍ତି ଚାଷୀ। ଚାଷୀଙ୍କ ହକ୍ ପାଇଁ ଦୁର୍ବାର ଆନ୍ଦୋଳନ କରିବାର ଦାୟିତ୍ୱ ହେଉଛି ବିରୋଧୀଙ୍କର। ବିଧାନସଭାରେ ଆମେ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରୁଛୁ। ସରକାରଙ୍କର ଯଦି ଚାଷୀଙ୍କ ପାଇଁ ଦରଦ ଥାଆନ୍ତା ତେବେ ତୁରନ୍ତ ବିରୋଧୀ ଉଠାଉଥିବା ପ୍ରସଙ୍ଗକୁ ଗୁରୁତର ସହ ନେଇଥା'ନ୍ତେ । କିନ୍ତୁ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ସରକାରଙ୍କ ନିଦ ଭାଙ୍ଗୁନାହିଁ ବୋଲି ଗୃହ ସୁରୁଖୁରୁରେ ଚାଲିପାରୁନାହିଁ । ମିଲରଙ୍କ ସ୍ୱାର୍ଥ ପାଇଁ ସରକାର ବ୍ୟାକୁଳିତ ହୋଇପଡ଼ିଛନ୍ତି । ଜନତା ଓ ଚାଷୀଙ୍କ ସ୍ୱାର୍ଥ ପାଇଁ ହିଁ ଗୃହ ଅଚଳ କରି ବିରୋଧୀ ଦଳ ତୀବ୍ର ପ୍ରତିବାଦ ଜାରିରଖିଛି । ସରକାର ଲୋକଙ୍କ କଥା ଯଦି ନଶୁଣିବେ, ତେବେ ଗୃହରେ କାହା କଥା ଆଲୋଚନା କରାଯିବ? ମୋହନ ସରକାରଙ୍କୁ ପ୍ରଭୁ ଜଗନ୍ନାଥ ସଦବୁଦ୍ଧି ଦିଅନ୍ତୁ ।

## ଲମ୍ବା ସମୟ ଧରି ଅଚଳ ହେବା ଅନୁଚିତ୍: ଅରବିନ୍ଦ



ବିଧାନସଭା ବନ୍ଦ ହେବା ଦ୍ୱାରା ରାଜ୍ୟର ହିଁ କ୍ଷତି ହେଉଛି। ରାଜ୍ୟବାସୀଙ୍କର ହିତ ଉପରେ ଆଞ୍ଚ ଆସୁଛି। ଜନସମସ୍ୟା ଓ ଜନପ୍ରସଙ୍ଗ ଉପରେ ଆଲୋଚନା ହୋଇପାରୁନାହିଁ। ପ୍ରତିବାଦ କରିବାର ଅଧିକାର ବିରୋଧୀ ଦଳର ରହିଛି। ପ୍ରତିବାଦ କରି ସରକାରଙ୍କୁ ଚେତାଇବା ଦରକାର। ହେଲେ କୌଣସି ପ୍ରସଙ୍ଗରେ କିଛି ସମୟ ଗୃହ ଅଚଳ ହେଲେ ଚଳିବ। ସର୍ବଦଳୀୟ ବୈଠକ ବା କାର୍ଯ୍ୟ ପରାମର୍ଶଦାତା କମିଟି ବୈଠକରେ ଆଲୋଚନା ହୋଇ ଗୃହ ଚାଲିବାର ବାଟ ବାହାରିବା ଦରକାର। ଏଦିଗରେ ଶାସକ ଓ ବିରୋଧୀ ଉଦ୍ୟମ କରିବା ଉଚିତ୍। ଲମ୍ବା ସମୟ ଧରି ଗୃହ ଅଚଳ ହେବା ଅନୁଚିତ୍ ।

## ସରକାରୀ ଦଳର ଲାଭ: ତାରା



ବିଧାନସଭା ବନ୍ଦ ହେଲେ ସରକାରୀ ଦଳର ଲାଭ । କାରଣ ରାଜ୍ୟର ସୁବିଧା ଅସୁବିଧା ଗୃହରେ ଆଲୋଚନା ହେଲେ ଲୋକେ ସରକାରଙ୍କ ବିଫଳତା ବିଷୟରେ ଜାଣିଯିବେ । ରାଜ୍ୟର ଓ ରାଜ୍ୟବାସୀଙ୍କ ଅସୁବିଧା ନେଇ ଆଲୋଚନା ଓ ପ୍ରଶ୍ନର ଉତ୍ତର ସରକାରଙ୍କୁ ରଖିବା ପାଇଁ ପଡ଼ିବନି। କିନ୍ତୁ ବିରୋଧୀଦଳ ଯେଉଁ ପ୍ରସଙ୍ଗ ନେଇ ବିଧାନସଭାରେ ପ୍ରତିବାଦ କରୁଛନ୍ତି, ତାହାକୁ ଠିକ୍ ଭାବରେ ଉପସ୍ଥାପନା କରିବା ଦରକାର । ବିରୋଧିଦଳର ଯିଏ ମୁଖିଆ ଅଛନ୍ତି ତାଙ୍କ ସ୍ୱର ଶାଣିତ ହେବା ଦରକାର ଓ ଯୁକ୍ତି ଅକାଟ୍ୟ ହେବ ଆବଶ୍ୟକ । ନହେଲେ ଲୋକଙ୍କ ପାଖକୁ ଭୁଲ ସନ୍ଦେଶ ଯିବ ଓ ସରକାରୀ ଦଳ ଏହାର ଡବଲ ଫାଇଦା ଉଠାଇବେ ।


## ସରକାରଙ୍କୁ ବଦନାମ ପାଇଁ ଉଦ୍ୟମ: ବାବୁ ସିଂ

ବିଧାନସଭା ବନ୍ଦ ହେଲେ ଲାଭ କାହାର, କ୍ଷତି କାହାର ସେ କଥା ମୁଁ କହିବିନି। କିନ୍ତୁ ଗୃହର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବନ୍ଦ କରି ସରକାରଙ୍କୁ ବଦନାମ କରିବା ପାଇଁ ଏହା ବିରୋଧୀଙ୍କ ଉଦ୍ୟମ। ଏଇଥିରୁ ଆପଣ ବିଚାର କରନ୍ତୁ ଲାଭ କାହାର। କେବଳ ପ୍ରତିବାଦ କରିବା ପାଇଁ ଚାଷୀ ଓ ଚାଷ କଥା କହୁଛନ୍ତି, କିନ୍ତୁ ଚାଷୀଙ୍କ ପାଇଁ ପ୍ରକୃତ ଆନ୍ତରିକତା ନାହିଁ ।



ଚବିଶି ବର୍ଷ ଧରି ଗୋଟେ ଦଳ ରାଜ୍ୟକୁ ଶାସନ କଲା । ଚାଷୀଙ୍କ ପାଇଁ କଣ କରିଥିଲେ ସେମାନେ। ପ୍ରତିଶ୍ରୁତି ଦେଇ ମଧ ଧାନ ମୂଲ୍ୟ ୧୦୦ ଟଙ୍କା ବଢାଇ ପାରିଲେନି। ଆଉ ଏବେ ଆମ ସରକାର ୮୦୦ ଟଙ୍କା ଇନପୁଟ ସବସିଡି ଦେବା ପରେ ତାଙ୍କର ଚାଷୀଙ୍କ କଥା ମନେପଡୁଛି। ଏହି ଘଟଣା ଦେଖିଲେ ସମସ୍ତେ ଜାଣିପାରିବେ ବିଧାନସଭା ନଚାଲିଲେ ଲାଭ କାହାର?

## ଗୃହ ଚାଲିଲେ ଭଲ : ବିରୂପାକ୍ଷ



ବିଧାନସଭାରେ ଅଚଳାବସ୍ଥାକୁ ନେଇ ଶାସକ ଓ ବିରୋଧୀ ଭିନ୍ନମତ ରଖିବା ସ୍ୱାଭାବିକ। ଆଜି ଯେଉଁମାନେ ସରକାରରେ ଅଛନ୍ତି, ପୂର୍ବରୁ ସେମାନେ ବିରୋଧୀ ଦଳରେ ଥିଲାବେଳେ ଯାହା କରୁଥିଲେ ସେତେବେଳେ ସରକାରରେ ଥିବା ଓ ଆଜି ବିରୋଧୀ ଦଳରେ ବସିଥିବା ବିଧାୟକମାନେ ତାହା ହିଁ କରୁଛନ୍ତି। ଗଠନମୂଳକ ଗଣତନ୍ତ୍ରର କଥା କହି ପରସ୍ପର ବିରୋଧରେ ଗୋଟିଏ ଅଚଳାବସ୍ଥାକୁ ରଣନୀତି ଭିତ୍ତିରେ ଆପଣାଇ ନେବା ପ୍ରତ୍ୟେକ ରାଜନୈତିକ ଦଳର ସ୍ୱଭାବତଃ ଅଧିକାର ହୋଇଛି। ଏହା ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନୁହେଁ ।

ସଂସଦୀୟ ବ୍ୟବସ୍ଥାରେ ସଂସଦ ହେଉ ଅବା ବିଧାନସଭା-ସବୁଠି ବିରୋଧୀ ତାଙ୍କ କଥାଟିକୁ ବା ତାଙ୍କ ପ୍ରଶ୍ନଟିକୁ ଜୋରଦାର କରି ଉପସ୍ଥାପନ କରିବାକୁ ଚାହାନ୍ତି। ସରକାରୀ ପକ୍ଷ ବିରୋଧୀଙ୍କୁ କୌଣସି ରାଜନୈତିକ ଲାଭ ପାଇବା ଭଳି ପ୍ରସଙ୍ଗ ବା ପ୍ରଶ୍ନ ଉତଥାପନ କରାଇନଦେବା ପକ୍ଷରେ ରୁହନ୍ତି। ମଝିରେ ବାଚସ୍ପତି ଏକ ଅଡୁଆ ପରିସ୍ଥିତିରେ ପଡ଼ିଯା'ନ୍ତି। । ଏଣୁ ସବୁବେଳେ ଗୋଟିଏ ଆପୋଷ ବୁଝାମଣାରେ ବିଧାନସଭା ବା ସଂସଦ ଚାଲିଥାଏ। ସଂସଦୀୟ ବ୍ୟବସ୍ଥାରେ ସଂସଦ ଓ ବିଧାନସଭା ଗୃହ ଭିତରେ ସ୍ୱାଭାବିକ ଭାବେ କାର୍ଯ୍ୟକ୍ରମ କରିବାକୁ ବାଚସ୍ପତି ଏବଂ ସରକାରୀ ପକ୍ଷ ଉଭୟ ଉଦାର ମନୋଭାବ ପୋଷଣ କରନ୍ତି। ବିରୋଧୀ ଦଳକୁ ଗୁରୁତ୍ୱ ଦେଇ ଗୃହ ଚଳାଇବାର ପଥଟିକୁ ସୁଗମ କରିଥା'ନ୍ତି । ଯେଉଁଠି ସରକାରୀ ପକ୍ଷ ସେହି ଉଦାରତା ପ୍ରଦର୍ଶନ କରିବାରେ କିମ୍ବା ବାଚସ୍ପତି ଆଲୋଚନା ଜରିଆରେ ରାସ୍ତା ବାହାର କରିବାରେ ବିଫଳ ହୁଅନ୍ତି ସେପରିସ୍ଥଳେ ଅଚଳାବସ୍ଥା ଲାଗିରୁହେ। ମୁଁ କହିବି ବିଧାନସଭା ଚାଲିବା ଦରକାର ଏବଂ ବିଧାନସଭା ଚାଲିବା ପାଇଁ ବିରୋଧୀଙ୍କ ଅପେକ୍ଷା ସରକାର ଅଧିକ ପ୍ରୟାସ କରିବା ଦରକାର।

## ତିନି ଜଣ ଚାହିଁଲେ ଗୃହ ଚାଲିବ: କେ. ରବି



ବିଧାନସଭା ନଚାଲିଲେ ମନ୍ତ୍ରୀ ଓ ବିଧାୟକଙ୍କର ଲାଭ । କାରଣ ସେମାନେ ଟିଏ ଡିଏ ସବୁ ପାଆନ୍ତି। ଏହାଦ୍ୱାରା ଜନତାଙ୍କର କିଛି ଲାଭ ହୁଏନାହିଁ । ଗୃହ ଚଲାଇବା ଦାୟିତ୍ୱ ତିନି ଜଣଙ୍କର । ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତା ବସିକି ଆଲୋଚନା କଲେ ଗୃହ ସୁରୁଖୁରୁରେ ଚାଲିପାରିବ। ସେମାନେ ଆଲୋଚନା କରି ସମସ୍ୟାର ସମାଧାନ କରିବା କଥା । ହେଲେ ଏହି ତିନି ଜଣ ବସି ଆଲୋଚନା କରୁନାହାନ୍ତି । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଗୃହ ଚାଲିବା ଦରକାର ।

## ରାଜ୍ୟବାସୀଙ୍କର କ୍ଷତି: ଚୌଧୁରୀ ଅମିତାଭ ଦାସ



ବିଧାନସଭା ଚଳାଇବା ଦାୟିତ୍ୱ ବିଧାୟକମାନଙ୍କର । ବିଧାନସଭାରେ ବିତର୍କ ଓ ଆଲୋଚନାମକରି ରାଜ୍ୟ ପାଇଁ କିଛି ଭଲ କରିବା ପାଇଁ ଲୋକମାନେ ସେମାନଙ୍କୁ ପଠେଇଛନ୍ତି। ବିଧାନସଭାରେ ଅଧିବେଶନ ପାଇଁ ସେମାନେ ଭତ୍ତା ବି ପାଉଛନ୍ତି । କିନ୍ତୁ ବିଧାନସଭା ନଚାଲିବା ଦ୍ୱାରା ବିଧାୟକ କିମ୍ବା ସେମାନଙ୍କ ଦଳର କିଛି କ୍ଷତି ହେଉଛି ବୋଲି ମୁଁ ଭାବୁନି । ଯାହା କ୍ଷତି ହେଉଛି ରାଜ୍ୟବାସୀଙ୍କର। ସେମାନଙ୍କ ସମସ୍ୟାର ସମାଧାନ ହେଉନି। ରାଜକୋଷରୁ ଅର୍ଥ ଯାଉଛି। ଯଦି ବିରୋଧୀ ଦଳ କୌଣସି ପ୍ରସଙ୍ଗରେ ଜିଦି ଧରିଛନ୍ତି, ତେବେ ସେମାନଙ୍କୁ ବୁଝେଇ ଗୃହକୁ ସ୍ୱାଭାବିକ କରିବା ଦାୟିତ୍ୱ ଶାସକ ଦଳର । କିନ୍ତୁ ଅନେକ ସମୟରେ ଏହି ଦାୟିତ୍ୱ ଶାସକ ଦଳ ଠିକ୍ ଭାବେ ନିର୍ବାହ କରୁଛି ବୋଲି ଅନୁଭବ ହେଉନି। ଚଳିତ ବିଧାନସଭା ଅଧିବେଶନରେ ଏହା ସ୍ପଷ୍ଟ ଅନୁଭବ ହେଉଛି ।



# ଆଉ ଚୁପ୍ ବସିବେନି ଚୋପି

**କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପାହାଡସିଂ**

ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର କୋଣ ଅନୁକୋଣରେ ରାଜନୀତିରେ ରୁଚି ରଖୁଥିବା ଲୋକଙ୍କ ନିମନ୍ତେ ଏକ ଚର୍ଚ୍ଚିତ ନାମ ହେଉଛି ଚୋପି ଭାଇ । ଏକଦା ମହାକାଳପଡ଼ାର ପୂର୍ବତନ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଏକାନ୍ତ ଅନୁଗତ ଥିଲେ ଚୋପି ଓରଫ ସଞ୍ଜୟ ଲେଙ୍କା । ମାର୍ଶାଘାଇ ଓ ମହାକାଳପଡ଼ା ଅଞ୍ଚଳର ଭୋଟରମାନଙ୍କୁ ଅତନୁଙ୍କ ସପକ୍ଷରେ ରଖିବାରେ ସଞ୍ଜୟ ପ୍ରମୁଖ ଭୂମିକା ନିଭାଉଥିଲେ । ସଞ୍ଜୟଙ୍କ ଘର ପାଟକୁରା ନିର୍ବାଚନମଣ୍ଡଳୀ ଅଧିନରେ ଆସୁଥିଲେ ବି ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ୨୪ ଓ ୨୬ ନମ୍ବର ଦୁଇଟି ଜୋନ୍‌ରେ ଯଥାକ୍ରମେ; ୨୦୦୨ରୁ ୨୦୦୭ ଏବଂ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ସେ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । କେବଳ ଏତିକି ନୁହେଁ, ସଞ୍ଜୟ ୨୦୦୭ ରୁ ୨୦୧୨ ଯାଏଁ ମାର୍ଶାଘାଇ ପଞ୍ଚାୟତ ସମିତିର ଅଧକ୍ଷ ଭାବେ ନିର୍ବାଚିତ ମଧ୍ୟ ହୋଇଥିଲେ ।

ଅତନୁଙ୍କ ଟ୍ରମ୍ପ କାର୍ଡ ଭାବେ ମାର୍ଶାଘାଇ ବ୍ଲକ ରାଜନୀତିକୁ ଦୀର୍ଘ ଦୁଇ ଦଶନ୍ଧି ଧରି ନିଜ କରାୟତ୍ତରେ ରଖି ଆସୁଥିବା ଚୋପି ଭାଇ ୨୦୨୪ ସାଧାରଣ ନିର୍ବାଚନ ପରେପରେ ଚୁପ୍ ହୋଇଯାଇଥିଲେ । ଅତନୁ ସବ୍ୟସାଚୀ ପରାଜିତ ହେବାପରେ ହଠାତ୍ ସକ୍ରିୟ ରାଜନୀତିରୁ ନିଜକୁ ସଂପୂର୍ଣ୍ଣ ଦୂରେଇ ରହିଥିଲେ ସଞ୍ଜୟ । ସେ ସମୟରେ ମାର୍ଶାଘାଇ ଓ ମହାକାଳପଡ଼ା ରାଜନୀତି ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ଅତନୁଙ୍କ ପରାଜୟକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଛି । ଯେଉଁଥିପାଇଁ ଚୋପି ଭାଇ ଚୁପ୍ ବସି ଯାଇଥିଲେ ।


ତେବେ ସମୟ ଗଡି ଯାଇଛି । ଆଗକୁ ଆସୁଛି ପଞ୍ଚାୟତ ସମର। ଏହି ପରିପ୍ରେକ୍ଷୀରେ ଆଭାସ ମିଳିଲାଣି ଚୋପି ଭାଇ ଆଉ ଚୁପ୍ ବସିବେନି । ବନ୍ଧୁମିଳନ ଆଳରେ ପଞ୍ଚାୟତ ସମର ପାଇଁ ଏବେଠୁ ସମରସଜ୍ଜା ଆରମ୍ଭ କରିଦେଲେଣି ସଞ୍ଜୟ । ସକ୍ରିୟ ରାଜନୀତିରୁ ଦୂରେଇ ରହିବା ପରେ ସଞ୍ଜୟ ଗଠନ କରିଥିଲେ ଶ୍ରୀବଳଦେବ ସେବା ସଂଗଠନ । ଏବେ ଏହି ବ୍ୟାନର ଛାୟାରେ ପୁଣି ନିଜ ସଂଗଠନକୁ ସକ୍ରିୟ କଲେଣି ସଞ୍ଜୟ । ମାର୍ଶାଘାଇ ବ୍ଲକ ଅଧିନ ଜମାପଡା ସ୍ଥିତ ବାସଭବନରେ ନିଜ ସମର୍ଥକମାନଙ୍କୁ ଏକାଠି କରି ମାର୍ଶାଘାଇ ବ୍ଲକ ରାଜନୀତିକୁ ଯୋଗାଇଛନ୍ତି ଚର୍ଚ୍ଚାର ଖୋରାକ । ଏହି ଭେଟଘାଟ କାର୍ଯ୍ୟକ୍ରମରେ ବ୍ଲକର ତମାମ ୨୪ ପଞ୍ଚାୟତରୁ ତାଙ୍କର ସମର୍ଥକମାନେ ଯୋଗ ଦେଇଥିବା ଦେଖାଯାଇଛି । ଏଥିରେ ଏକାଧିକ ପୂର୍ବତନ ସରପଞ୍ଚ ଓ ଷ୍ଟାଣ୍ଡିଂ ସରପଞ୍ଚ, ଏକାଧିକ ପୂର୍ବତନ ସମିତି ସଭ୍ୟଙ୍କ ସହିତ ଶତାଧିକ ସମର୍ଥକମାନେ ଯୋଗ ଦେଇଥିବା ଲକ୍ଷ୍ୟ କରାଯାଉଛି ।

ODIA WEEKLY GARVIT ODIA

ଅନ୍ୟପଟେ ମହାକାଳପଡ଼ା ବ୍ଲକ ବିଜେପି ହାତକୁ ଚାଲିଯିବା ପରେ ସମସ୍ତଙ୍କ ନଜର ରହିଥିଲା ମାର୍ଶାଘାଇ ବ୍ଲକ ଉପରେ । ଯଦିଓ ମାର୍ଶାଘାଇ ବ୍ଲକରେ ବିଜେଡ଼ି ସମର୍ଥିତ ପଞ୍ଚାୟତ ସମିତି ଅଧକ୍ଷା ଅଛନ୍ତି, କିନ୍ତୁ କୁହାଯାଉଛି ଅନସ୍ଥା ପ୍ରସ୍ତାବ ଡରରେ ସେ ବିଜେପି ଶିବିର ସହ ଯୋଗସୂତ୍ରରେ ରହିଛନ୍ତି । ଠିକ୍ ଏହି ସମୟରେ ଚୁପ୍ ବସିଥିବା ଚୋପି ପୁଣି ସକ୍ରିୟ ହୋଇ ଉଠିବା ମାର୍ଶାଘାଇ ବ୍ଲକ ରାଜନୀତିକୁ ବେଶ୍ ସରଗରମ କରିଛି ।

ଅନ୍ୟପଟେ କୁହାଯାଉଛି ଅତନୁଙ୍କ ଠାରୁ ଦୂରେଇ ରହିଥିଲେବି ବିଜେଡ଼ି ଠାରୁ ସଂପୂର୍ଣ୍ଣ ଦୂରେଇ ଯାଇନାହାନ୍ତି ସଞ୍ଜୟ । କାରଣ ଏବେବି ସାମାଜିକ ଗଣମାଧ୍ୟମରେ ସଞ୍ଜୟଙ୍କ ବିଭିନ୍ନ ଶୁଭେଚ୍ଛା ବାର୍ତ୍ତାରେ ଦଳର ସଭାପତି ନବୀନ ପଟ୍ଟନାୟକ ଓ ବିଜୁ ବାବୁଙ୍କ ଫଟୋ ରହୁଛି। ତେବେ ଯେଉଁ ସମୟରେ ବିଜେଡ଼ି ସମର୍ଥିତ ମାର୍ଶାଘାଇ ପଞ୍ଚାୟତ ସମିତି ଅଧକ୍ଷା ବିଜେପିର ନିକଟତର ହେଉଛନ୍ତି ଠିକ୍ ସେହି ସମୟରେ ଚୁପ୍ ବସିଥିବା ଚୋପି ପୁଣି ସକ୍ରିୟ ହୋଇ ଉଠିଛନ୍ତି । ଆଗାମୀ ଦିନରେ ମାନ ଭଞ୍ଜନ କରି ସଞ୍ଜୟ ପୁଣି ଅତନୁଙ୍କ ସେନା ପାଲଟି ଯାଉଛନ୍ତି ନା ସ୍ୱାଧୀନ ଭାବେ ଲଢ଼ି ନିଜ ରାଜନୈତିକ ଅଭିଜ୍ଞତା ବଳରେ ମାର୍ଶାଘାଇ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ଜିତାଇ ମାର୍ଶାଘାଇ ବ୍ଲକକୁ କରାୟତ କରୁଛନ୍ତି । ସେ ଯାହାବି ହେଉ ରାଜନୈତିକ ସମୀକ୍ଷକ ମାନଙ୍କ ମତରେ ସଞ୍ଜୟ ଓରଫ୍ ଚୋପି ଭାଇଙ୍କ ଏହି ବନ୍ଧୁ ମିଳନ ସମାରୋହ ଇସାରା ଦେଉଛିଯେ, \"ଆଉ ଚୁପ୍ ବସିବେନି ଚୋପି' । ଏସବୁ ଭିତରେ ଅତନୁଙ୍କ ପାଟକୁରା ଲୋଭ ବି ସଞ୍ଜୟଙ୍କ ପାଇଁ ଏକ ସୁଯୋଗ ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି ।

# ଗଣେଶ ଓ ପ୍ରଦୀପଙ୍କୁ ନାକେଦମ୍ କରିଦେଲେ ଯତୀନ୍



ବୋଲଗଡ଼ ବିଡ଼ିଓଙ୍କୁ ନେଇ ଏବେ ବେଗୁନିଆ ରାଜନୀତି ଉଠୁଛି ପଡୁଛି। ସପ୍ତାହେ କି ଦି ସପ୍ତାହେ ନୁହେଁ ମାସ ମାସ ଧରି ଏହାକୁ ନେଇ ବେଗୁନିଆ ବିଜେପି ଓ ବିଜେଡ଼ି ରାଜନୀତି ସରଗରମ ହୋଇଯାଇଛି। ପ୍ରଥମେ ବୋଲଗଡ଼ ବିଡ଼ିଓଙ୍କ ନିଯୁକ୍ତିକୁ ନେଇ ମୁହାଁମୁହିଁ ହୋଇଥିଲେ ବିଜେପି ରାଜ୍ୟ ଉପସଭାପତି ଯତୀନ୍ ମହାନ୍ତି ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ। ବିମାନବନ୍ଦରରେ ଉଚ୍ଚବାଚ୍ଚ ବି ହୋଇଥିଲା। ଅପରପକ୍ଷରେ ଯତୀନ ମହାନ୍ତିଙ୍କୁ ବେଗୁନିଆ ରାଜନୀତିରୁ ଆଉଟ୍ କରିବା ପାଇଁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଗୋଟିଚାଳନା କରି ଆସୁଛନ୍ତି। ନିକଟରେ ଯତୀନଙ୍କ ସାଂଗଠନିକ କାର୍ଯ୍ୟକ୍ରମକୁ ନେଇ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ପତ୍ର ଜରିଆରେ ମନମୋହନ ସାମଲଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେଗୁନିଆରେ ଯତୀନଙ୍କ ରାଜନୀତିକ କାର୍ଯ୍ୟକଳାପକୁ ଅଙ୍କୁଶ ଦେବାକୁ ବିଜେପିର ଗୋଟିଏ ଗୋଷ୍ଠୀ ଉଦ୍ୟମ କରୁଥିଲେବି ସଫଳ ହୋଇପାରିନାହାନ୍ତି। ଯତୀନଙ୍କ ପଛରେ ମନମୋହନଙ୍କ ସମର୍ଥନ ରହିଥିବା ଚର୍ଚ୍ଚା ହେଉଛି । ଦଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମନମୋହନଙ୍କ ସହ ବି ସାମିଲ୍ ହେଉଛନ୍ତି। ଗୋଟିଏ ପଟେ ବୋଲଗଡ଼ ବିଡ଼ିଓଙ୍କୁ ହଟାଇବା ପାଇଁ ଅପରାଜିତା-ଗଣେଶ ବହୁ ପୂର୍ବରୁ ଉଦ୍ୟମ କରି ଆସୁଥିବା କଥା ସମସ୍ତେ ଜାଣନ୍ତି। ଏବେ ବୋଲଗଡ଼ ବିଡ଼ିଓଙ୍କ ଉପରେ ଫିଡ଼ିକି ଯାଇଛନ୍ତି ବିଧାୟକ ପ୍ରଦୀପ ସାହୁ। ପୂର୍ବରୁ ପ୍ରଦୀପଙ୍କ ଅନେକ କଥାକୁ ବିଡ଼ିଓ ଟାଳି ଦେଇଥିବାରୁ ତାଙ୍କର ରାଗ ରହିଥିଲା । କିନ୍ତୁ ସେ କୌଣସି ପଦକ୍ଷେପ ନେଇପାରୁନଥିଲେ । ତେବେ ଜାନୁଆରୀ ୨୬ ଘଟଣା କିନ୍ତୁ ବୋଲଗଡ଼ ବିଡ଼ିଓଙ୍କୁ ଅକଳରେ ପକାଇ ଦେଇଥିଲା। ବିଡ଼ିଓ ଭାବେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଓ ପ୍ୟାରେଡ଼ ଆୟୋଜନ ବାସ୍ତବରେ ତାଙ୍କର ଦାୟିତ୍ୱ ହିଁ ଥିଲା । କିନ୍ତୁ ବିଡ଼ିଓ ସେଥିରେ ଟାଳଟୁଳନୀତି ଅବଲମ୍ବନ କରିବା ଆଦୌ ଠିକ୍ ନୁହେଁ। ସାଧାରଣରେ ବି ଏହାକୁ ନେଇ ଆକ୍ରୋଶ ସୃଷ୍ଟିହେବା ସ୍ୱାଭାବିକ। ତେବେ ଏହି ମଉକାରେ ବୋଲଗଡ଼ ବିଡ଼ିଓଙ୍କ ବଦଳି ପାଇଁ ଉଭୟ ବିଜେଡ଼ି ଓ ବିଜେପି ଏକାଠି ହୋଇଯାଇଛନ୍ତି। ଗୋଟିଏ ଗୁଳିରେ ଦୁଇଟି ଶିକାରର ଲକ୍ଷ୍ୟ ରଖାଯାଇଛି। ଯତୀନଙ୍କ ବିରୋଧୀ ଗୋଷ୍ଠୀରେ ଥିବା ବିଜେପି ନେତାମାନେ ବିଜେଡ଼ି ସହ ଏକାଠି ହୋଇ ବିଡ଼ିଓ ବିରୋଧୀ ଆନ୍ଦୋଳନକୁ ବଳ ଦେଉଛନ୍ତି। ଯଦି ବିଡ଼ିଓ ହଟିବେ ତେବେ ନୂଆ ବିଡ଼ିଓ ଅପରାଜିତା-ଗଣେଶଙ୍କ ଇସାରାରେ ହିଁ ନିଯୁକ୍ତି ପାଇବାର ସମ୍ଭାବନା ରହିଛି। ଯାହାକି ଯତୀନଙ୍କ ଶକ୍ତି, ପ୍ରଭାବ, କ୍ଷମତାକୁ ପୂର୍ବାପେକ୍ଷା ଦୁର୍ବଳ କରିଦେବାର ଆଶଙ୍କା ରହିଛି। ଅପରପକ୍ଷରେ ବିଧାୟକ ଓ ବିଜେଡ଼ି ମଧ୍ୟ ବୋଲଗଡ଼ ବିଡ଼ିଓଙ୍କ ଅପମାନର ପ୍ରତିଶୋଧ ନେଇପାରିବେ। ଇତିମଧ୍ୟରେ ଜିଲ୍ଲାପାଳ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରିଥିବାବେଳେ ବିଜେଡ଼ିର ରାଜ୍ୟସ୍ତରୀୟ ନେତାମାନେ ବି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବୋଲଗଡ଼ରେ ଚାଲିଥିବା ଆନ୍ଦୋଳନରେ ସାମିଲ୍ ହୋଇଛନ୍ତି। ଘଟଣାକ୍ରମକୁ ଅନୁଧ୍ୟାନ କଲେ ବିଡ଼ିଓଙ୍କ ବଦଳି ହେବାର ସମ୍ଭାବନା ରହିଛି। କିନ୍ତୁ ଯତୀନ ଏଇ କିଛି ଦିନ ଧରି ଦୁଇ ବିଧାୟକ ଓ ସାଂସଦଙ୍କୁ ନାକେଦମ୍ କରିଦେଇଛନ୍ତି କହିଲେ ଭୁଲ୍ ହେବନାହିଁ।

# କହି ନଜାଣିଲେ କେବଳ ଶୁଣିବାକୁ ପଡ଼େ

**ରାଜନୀତିରେ ଚାକୁଳେଇ କଥା କହିବାକୁ ପଡ଼େ। ଲମ୍ବା ଭାଷଣ ଦେବାକୁ ପଡ଼େ। ରାଜନୀତି ପାଇଁ ଏହା ବି ଏକ ଉପାଦାନ। ତା'ନହେଲେ କେବଳ କଟାକ୍ଷ ବା କଡ଼ା ସମାଲୋଚନା ଶୁଣିବାକୁ ହିଁ ପଡ଼ିବ। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଲକ୍ଷ୍ୟ କରି ଶବ୍ଦବାଣ ମାରିଚାଲିଲେ। କିନ୍ତୁ ନବୀନ ଏଯାଏଁ ତା'ର ଉତ୍ତର ଦେଇନାହାନ୍ତି। ନବୀନ ଉତ୍ତର ଦେବେକି ନାହିଁ ତାହାର ଉତ୍ତର ସମୟ ହିଁ କହିବ।**

## କ'ଣ କହିଥିଲେ ମୋହନ ?

୧ ବିଧାନସଭାରେ କଂଗ୍ରେସ ଦଳର କକ୍ଷତ୍ୟାଗ ଦେଖି, କାଳେ ମୁଖ୍ୟ ବିରୋଧୀ ଦଳର ଛବି ତାଙ୍କୁ ଚାଲିଯିବ, ସେଥିପାଇଁ ଏକ ପ୍ରକାର ବାଧବାଧକତାରେ କକ୍ଷତ୍ୟାଗ କରିଥିଲେ। ସେମାନେ କନଭିନ୍ସ ନଥିଲା ପରି ମନେ ହେଉଥିଲା। ଯଦି କଥା ଓ ବଡ଼ି ଲାଙ୍ଗୁଏଜ ଭିତରେ ତାଳମେଳ ନରୁହେ, ତେବେ ତାହା ପଦାକୁ ଜଳ ଜଳ ହୋଇ ଦିଶେ। ଯାହାକି ପ୍ରତୀୟମାନ ହେଉଥିଲା।

୨ ମୋତେ ଖବର ଆସିଥିଲାଯେ, ବିରୋଧୀଦଳର କିଛି ବରିଷ୍ଠ ନେତା ରାଜ୍ୟପାଳଙ୍କ ଅଭିଭାଷଣ ଆଲୋଚନାରେ ଭାଗ ନେବାକୁ ନିଜ ନିଜ ଦଳପତିଙ୍କୁ ନିଜ ମନର ଭାବ ଜଣାଇଥିଲେ । ତାଙ୍କ, ପରାମର୍ଶ ଶୁଣିଥିଲେ, ହୁଏତ ଜନତା ଜନାର୍ଦ୍ଦନଙ୍କ ଆଖିରେ ଆପଣଙ୍କ ଏପରି ଦାୟିତ୍ୱହୀନତାର ଭାବ ଦେଖାଯାଇ ନଥାଆନ୍ତା। ଯାହାହେଉ, ଆପଣ ଏପରି ପନ୍ଥା ବାଛିଛନ୍ତି, ଜନତା ଜନାର୍ଦ୍ଦନ ଆପଣଙ୍କ ଆଚାର, ଉଚ୍ଚାରଣ ଓ ବିଚାରକୁ ନେଇ ଆପଣଙ୍କ ଉପରେ ମତାମତ ଦେବେ ।

୩ ବିକାଶ ନକରି, ୨୪ ବର୍ଷ ଧରି ସେମାନେ ଏକଛତ୍ରବାଦୀ ଶାସନ ଚଳାଇଥିଲେ । ଜନସାଧାରଣ ତାଙ୍କୁ ଉଚିତ୍ ଜବାବ ଦେଇଛନ୍ତି ।

୪ ମୁଁ ପଳାୟନପନ୍ଥୀ ନୁହେଁ, ବିରୋଧି ଦଳ ଯାହା ପ୍ରଶ୍ନ ପଚାରିବେ, ମୁଁ ତାର ଉତ୍ତର ଦେବି । ଏ କଥା ଓଡିଶାର ଜନସାଧାରଣ ତଥା ଗଣମାଧ୍ୟମ ବି ଜାଣିଛନ୍ତି । ମୁଁ ସେଇ ରାଜନେତା ନୁହେଁ, କେବଳ ନିଜ ଘର କିମ୍ବା ସଚିବାଳୟର ପାହାଚରେ ଧାଡିକିଆ ଉତ୍ତର ଦିଏ ।

୫ ସାଧାରଣଭାବେ ବିରୋଧୀଙ୍କ ପ୍ରଶ୍ନବାଣରେ ସମ୍ମୁଖୀନ ହୋଇନପାରି, ଶାସକ ଦଳ ସୁଯୋଗ ଖୋଜନ୍ତି, କିପରି ବିରୋଧିଦଳକୁ ଚଳାଇ ନଦେବେ । କିନ୍ତୁ, ଏଠି ତ ପରିସ୍ଥିତି ଓଲଟା । ସରକାର ସବୁ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ, କିନ୍ତୁ, ବିରୋଧି ଛତ୍ରଭଙ୍ଗ ଦେଉଛନ୍ତି ।




ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

୬ କଂଗ୍ରେସ ଯେତେବେଳେ କକ୍ଷତ୍ୟାଗ କରୁଛି, ବିରୋଧୀ ବିଜୁ ଜନତା ଦଳ ସେତେବେଳେ କକ୍ଷତ୍ୟାଗ କରୁଛି । ଏହା ବଡ଼ ଆଶ୍ଚର୍ଯ୍ୟ କଥା । ମୀନ ଯେପରି ଜଳରୁ ବାହାରି ଛଟପଟ ହୁଏ, ଏମାନେ ସେପରି ହେଉଛନ୍ତି । ଧୈର୍ଯ୍ୟ ନାହିଁ ।

୭ ଅନେକ ସ୍ଥାନରେ ୨୪ ବର୍ଷିଆ ସରକାରଙ୍କ ଇକୋ-ସିଷ୍ଟମ ଏବେବି ସକ୍ରିୟ ଅଛି । ସେମାନଙ୍କୁ କହିବି ଯେ ସୁଧୁରି ଯାଅ, ଅନ୍ୟଥା ଅନ୍ନଦାତାଙ୍କୁ ହଇରାଣ କଲେ, ଫଳ ଭୋଗିବ । ଏହାକୁ ପରାମର୍ଶ କିମ୍ବା ଚେତାବନୀ, ଯାହା ଚାହିଁବେ ତାହା ମନେ କରି ସତର୍କ ହୋଇଯାଆନ୍ତୁ ।

୮ ବିରୋଧି ଦଳ ଏକ 'ଜଡତା' ଭିତରେ ରହିଯାଇଛି । ଝଷର କ୍ଟକ୍ଟ୍ରକ୍ଟଗ୍ବସଗ୍ବସକ୍ଟଭ ସଗ୍ବ ସଭ ବ ଝଗ୍ବବଗ୍ବର କ୍ଟଲ ଓଭରକ୍ବଗ୍ବସବ । ଏହାକୁ ଜନସାଧାରଣ ଗ୍ରହଣ କରିବେ ନାହିଁ ।

୯ କୋଟିଏ ମା'ଙ୍କ ଆକାଉଣ୍ଟକୁ ବର୍ଷକୁ ୧୦ ହଜାର କୋଟି ଟଙ୍କା ଯାଉଛି । ସେମାନଙ୍କ ପାଖରେ ଯେତେବେଳେ ୧୦ ହଜାର ଟଙ୍କା ପହଞ୍ଚୁଛି, ସେମାନଙ୍କ ଆତ୍ମବିଶ୍ୱାସ କେତେ ବଢୁଛି, ତାହା ସେମାନେ ଜାଣନ୍ତି। ବିରୋଧୀ ଦଳ ଏହାକୁ ଦେଖି ପାରୁନାହାନ୍ତି । ସେମାନେ, କେବଳ ଅପପ୍ରଚାର କରିବେ, ନିନ୍ଦା କରିବେ । ଆମ ପାଇଁ ରାଜ୍ୟର ମହିଳାମାନେ କେବଳ ପ୍ରଚାରର ମାଧ୍ୟମ ନୁହନ୍ତି, କେବଳ ମୁଖିଆଙ୍କ ଛବି ଚମକାଇବା ପାଇଁ ସଭା ସମିତିରେ ଚୌକି ପୂରଣ କରିବାର ମାଧ୍ୟମ ନୁହନ୍ତି । ଆମ ପାଇଁ ସେମାନେ ହେଉଛନ୍ତି ମାତୃଶକ୍ତିର ପ୍ରତୀକ ।

୧୦ ତଥାକଥିତ ୨୪ ବର୍ଷରେ ସରକାର କେମିତି ଚାଲୁଥିଲା, କିଏ ଚଳାଉଥିଲା, ନିଷ୍ପତ୍ତି କେମିତି ନିଆ ଯାଉଥିଲା, କ୍ୟାବିନେଟ୍ କେମିତି ବସୁଥିଲା, କ୍ୟାବିନେଟରେ ଯେଉଁ ସବୁ ପ୍ରସ୍ତାବ ଆସୁଥିଲା ତାହା ସମ୍ପୃକ୍ତ ମନ୍ତ୍ରୀମାନେ କେତେବେଳେ ଜାଣୁଥିଲେ, ତାହା ସମସ୍ତେ ଜାଣିଛନ୍ତି । ଆଜି ଆମ ଶାସନ 'ଅଧିକାରୀ-କୈନ୍ଦ୍ରିକ' ନୁହେଁ, 'ଜନପ୍ରତିନିଧି-କୈନ୍ଦ୍ରିକ' ଓ ଜନ-କୈନ୍ଦ୍ରିକ ।

୧୧ ବିରୋଧୀଦଳର ବିଧାୟକ/ବିଧାୟିକାମାନଙ୍କୁ କହିବାକୁ ଚାହେଁଯେ, ଆପଣମାନେ ନିଜ ଦଳର ମୁଖିଆଙ୍କୁ କେତେ ଥର, କି କେତେ ସହଜରେ ଭେଟି ପାରୁଛନ୍ତି, ମୁଁ ଜାଣେ ନାହିଁ । କିନ୍ତୁ ଏ ପବିତ୍ର ଗୃହର ପ୍ରତ୍ୟେକ ସଦସ୍ୟ, ସଦସ୍ୟାଙ୍କ ପାଇଁ ମୋ ଦୁଆର ସବୁବେଳେ ଖୋଲା । ଏହା ବି ଆପଣ ସମସ୍ତେ ଜାଣିଛନ୍ତି।

## ଚର୍ଚ୍ଚାରେ ବ୍ୟୋମକେଶଙ୍କ କାଉଣ୍ଟର ଆଟାକ୍



ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡ଼ି ଓ ନବୀନଙ୍କୁ ଶବ୍ଦବାଣରେ ଘାଇଲା କରିଦେଲେ। ଅବଶ୍ୟ ତା'ର ଜବାବ କିନ୍ତୁ ନବୀନ ଦେଇନାହାନ୍ତି। ତେବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କିନ୍ତୁ କଡ଼ା ଜବାବ ଦେଇଥିଲେ। ବ୍ୟୋମକେଶ କହିଥିଲେଯେ, ଉଚ୍ଚାରଣ ଓ ଆଚରଣ କିଭଳି ହେବ ସେନେଇ ମୁଖ୍ୟମନ୍ତ୍ରୀ ପାଠ ପଢ଼ାଉଥିଲେ। କିନ୍ତୁ ସେ ବିରୋଧୀ ଦଳରେ ଥିବାବେଳେ ବାଚସ୍ପତିଙ୍କୁ ଚପଲ ଓ ଡାଲି ଫିଙ୍ଗିଥିଲେ। ତେଣୁ ସେ ଶୃଙ୍ଖଳାର ପାଠ ପଢ଼ାଇବା ଶୋଭା ପାଉନାହିଁ । ଭାଗ୍ୟରେ ଥିଲା ବୋଲି ସେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ବିଜେଡ଼ି ତା' ଆଭିମୁଖ୍ୟରେ ନିଶ୍ଚଳ ରହିଛି। କଂଗ୍ରେସ ଓ ବିଜେପି ଠାରୁ ଦଳ ସମଦୂରତା ରକ୍ଷା କରୁଛି। ମୁଖ୍ୟମନ୍ତ୍ରୀ ବାଉଳାଚାଉଳା ହେଉଛନ୍ତି। ତାଙ୍କର ନିଜ ମନ୍ତ୍ରୀଙ୍କ ଉପରେ କଂଟ୍ରୋଲ ନାହିଁ । ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରୀ କ'ଣ କରୁଛନ୍ତି ସେ ଉପରେ ଅବଗତ ଅଛନ୍ତି ତ ? ନବୀନ ବାବୁ ବହି ଲେଖିଛନ୍ତି, ତୁମେ ଧାଡ଼ିଏ ଇଂଲିଶ କହିପାରିବନି। ନବୀନ ବିଶ୍ୱସ୍ତରୀୟ ନେତା। ତାଙ୍କ ଭଳି ହେବାକୁ ହେଲେ ଅନେକ କିଛି ଶିଖିବାକୁ ପଡ଼ିବ । ବିଜେଡ଼ିଠୁ ଶିଖ ବୋଲି ପୂର୍ବରୁ ଅମିତ ଶାହା ବିଜେପିକୁ ପରାମର୍ଶ ଦେଇଥିଲେ ।

# ମୁନା ଭାଇ 'ଭୁଲଭୁଲେୟା'

ବ୍ରିଜର ନାଁ ହଳଦିଆପଦର ରେଳବାଇ ଓଭରବ୍ରିଜ୍। କିଏ ତାକୁ କହେ ମୁଣ୍ଡଖିଆ ତ, ଆଉ କିଏ କହେ ରକ୍ତପିଆ। ପ୍ରତି ସପ୍ତାହରେ ସେଇ ଓଭରବ୍ରିଜ୍ ପାଇଁ ମୁଣ୍ଡ ଯିବା ଥୟ। ପାଖାପାଖି ଗୋଟିଏ ଯୁଗ ଧରି ଏମିତି ଚାଲିଛି। ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରନ୍ତି। କିଛିଦିନ ପରେ ପୁଣି ଯାହାକୁ ସେଇଆ। ଏବେ କିନ୍ତୁ ଏହାକୁ ନେଇ ରାଜନୀତି ଜୋର୍ ଧରିଛି । ହଠାତ୍ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏହି ପ୍ରସଙ୍ଗରେ ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଆଡ଼କୁ ନିଶାନା ସାଧିଛନ୍ତି । ନାଁ ନନେଇ ବୁଲେଇ ବାଙ୍କେଇ ସେ କହିଛନ୍ତି । ଯାହାକୁ ନେଇ ସୋସିଆଲ ମିଡ଼ିଆରେ ସିଦ୍ଧାନ୍ତଙ୍କୁ ବି ସମାଲୋଚିତ ହେବାକୁ ପଡ଼ିଛି ।



ହଳଦିଆପଦର ରେଳବାଇ ଓଭରବ୍ରିଜ୍‌କୁ ନେଇ ସିଦ୍ଧାନ୍ତଙ୍କ ଟିପ୍ପଣୀ ଉପରେ ସୋସିଆଲ ମିଡ଼ିଆରେ 'ମୁନାଭାଇ ଭୁଲଭୁଲେୟା' ବୋଲି କହିବାକୁ ପଛାଇନାହାନ୍ତି । କାହିଁକିନା ଏଥିପାଇଁ ସେ ବି କେତେକାଂଶରେ ଦାୟୀ। ଯେଉଁ ସମୟରେ ଏହି ବ୍ରିଜର ଡିଜାଇନ୍ ପ୍ରସ୍ତୁତ ହୋଇଥିଲା ସେହି ସମୟରେ ସିଦ୍ଧାନ୍ତ ମହାପାତ୍ର ବ୍ରହ୍ମପୁରର ସାଂସଦ ଥିଲେ । ଯଦି ଡିଜାଇନଟି କାହାର ସ୍ୱାର୍ଥ ପାଇଁ ବଦଳୁଥିଲା ତେବେ ସେ ସମୟରେ ସିଦ୍ଧାନ୍ତ କରୁଥିଲେ କ'ଣ ? ଯଦି ସିଦ୍ଧାନ୍ତ କହିବେ ସେ ଜାଣିନଥିଲେ, ତେବେ ଆମର ପ୍ରଶ୍ନ ହେଉଛି, ସାଂସଦ ଭାବେ ସେ କି ଦାୟିତ୍ୱ ନିର୍ବାହ କରୁଥିଲେ ? ଆଉ ଯଦି ସବୁ ଜାଣି ମଉସାଙ୍କ ସ୍ୱାର୍ଥ ପାଇଁ ଚୁପ୍ ରହିଥିବେ ତେବେ ତାହା ଆହୁରି ସଂଗୀନ କଥା । ସେମିତି ହୋଇଥିଲେ ଏ ପ୍ରସଙ୍ଗରେ କହିବାର ନୈତିକ ଅଧିକାର ବି ତାଙ୍କର ନାହିଁ । ବରଂ ନିଜେ ବି ପକ୍ଷଭୁକ୍ତ ଥିଲେ କହିଲେ ଭୁଲ୍ ହେବନି ।



୨୦୧୩-୧୪ରୁ ଆରମ୍ଭ ହୋଇଥିଲା ଏହି ବ୍ରିଜ୍ କାମ । ଇତିମଧ୍ୟରେ ଗୋଟିଏ ଯୁଗ ଅତିକ୍ରାନ୍ତ ହୋଇସାରିଲାଣି। ବ୍ରିଜର ଡିଜାଇନ୍ ତ୍ରୁଟି ରହିଛି ବୋଲି ସରକାର ବି ଅନେକ ଦିନ ତଳୁ ଜାଣି ସାରିଥିଲେ । କିନ୍ତୁ ଏଯାଏଁ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଇଛି? ଏବେ ସୁପ୍ରିମକୋର୍ଟଙ୍କ ସଡ଼କ ନିରାପତ୍ତା ଟିମର ଟିପ୍ପଣୀ ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି । କଂଗ୍ରେସ ବିଧାୟକ ରମେଶ ଜେନା ସିଧାସଳଖ ଭାବେ ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଓ ବ୍ରହ୍ମପୁର ମେୟରଙ୍କୁ ଟାର୍ଗେଟ୍ କରିଛନ୍ତି। ବାସ୍ତବରେ ଏହି ଡିଜାଇନରେ ଉଦ୍ଦେଶ୍ୟମୂଳକ ଭାବେ ତ୍ରୁଟି କରାଯାଇଥିଲା। ସାଧାରଣତଃ ଓଭରବ୍ରିଜ୍ ସିଧାସଳଖ ଏନଏଚରେ ମିଶିଥାଏ । ତା'ର ମୂଳ ଡିଜାଇନ୍ ମଧ୍ୟ ସେମିତି ହିଁ ଥିଲା। କିନ୍ତୁ ତାହାକୁ ବୁଲେଇବଙ୍କେଇ କରାଯାଇଛି । ଫଳରେ ଡିଭାଇଡ଼ରରେ ବୁଲି ଏନଏଚକୁ ଉଠିବାକୁ ପଡୁଛି। ଯେଉଁଥିପାଇଁ ତାହା ଏବେ ବ୍ଲାକସ୍ପଟ ପାଲଟିଯାଇଛି। ଯଦି ଏନେଇ ସରକାର ତ୍ୱରିତ ପଦକ୍ଷେପ ନନିଅନ୍ତି ତେବେ ରାଜରାସ୍ତା ସେମିତି ରକ୍ତ ପିଇ ଚାଲିଥିବ ।

ଓଡ଼ିଆ
ODIA WEEKLY GARVIT ODIA

## ସଞ୍ଜୀଲୀଙ୍କ ଖାସି, ଉପାସନାଙ୍କ ଚିଙ୍ଗୁଡ଼ି






ଆଜିକାଲି ଗୋଟିଏ ଡାଳର ଦୁଇ ଚଢ଼େଇ ହେଉଛନ୍ତି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ବାଙ୍ଗିରୀପୋଷୀ ବିଧାୟିକା ସଞ୍ଜୀଲୀ ମୁର୍ମୁ । ଟିକିଏ ଫୁରସତ ମିଳିଲେ କେବେ ଉପାସନା ଯାଇ ଶିମିଳିପାଳ ଜଙ୍ଗଲରେ ଘୂରି ବୁଲୁଛନ୍ତି ତ ଆଉ କେବେ ସଂଜଲୀ ଆସି ଚିଲିକାରେ ଦି ଘେରା ମାରୁଛନ୍ତି। ଶିମିଳିପାଳରେ ପତର ଖିଆ ଖାସି ଆଉ ଦେଶୀ କୁକୁଡ଼ା ସହ ମୁଣ୍ଡମୁଣିଆ ମୁଢ଼ି ପରଶି ଦେଉଛନ୍ତି ସଂଜଲୀ। ଆଉ ସହଜେ ତ ଉପାସନା ହେଉଛନ୍ତି ଖଣ୍ଡାୟତିଆ ଲୋକ। ଚର୍ଚ୍ଚାରେ ସେ କେବେ କାର୍ପଣ୍ୟ ପ୍ରକାଶ କରନ୍ତିନି। ସଞ୍ଜୀଲୀ କେବେ ବ୍ରହ୍ମଗିରି ଆଡ଼େ ମାଡ଼ି ଆସିଲେ, ସେ ତାଙ୍କୁ ଚିଲିକା ବୁଲାଇ ଭଲକି କଙ୍କଡ଼ା ଆଉ ଚିଙ୍ଗୁଡ଼ିରେ ଚର୍ଚ୍ଚା କରୁଛନ୍ତି ।

## ମୋତେ ଗାଳି ଦିଅ କୋରେଇକୁ ଟଙ୍କା ଦିଅ

ଆଜିକାଲି ଯାଜପୁର କାହିଁକି ସାରା ଓଡ଼ିଶାରେ ବିଜେପି ନେତାଙ୍କ ଟାର୍ଗେଟରେ ପ୍ରଣବ ପ୍ରକାଶ ଦାସ। ଢେଙ୍ଗା ମୁଣ୍ଡରେ ଠେଙ୍ଗା ନ୍ୟାୟରେ ବବିଙ୍କ ମୁଣ୍ଡରେ ରାଜନୀତିକ ପାହାର ବାଜିବା ସ୍ୱାଭାବିକ କଥା। ଏଇ ନିକଟରେ କୋରେଇର ଏକ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କୁ ନେଇ ବିଧାୟକ ଆକାଶ ଦାସ ନାୟକ ପତିଆରା ଦେଖାଇଥିଲେ। ହେଲେ କୋରେଇ ପାଇଁ ସରକାରଙ୍କ ପକ୍ଷରୁ କିଛି ନୂଆ ଘୋଷଣା



କରାଯାଇନଥିବାରୁ ବବି ଦାସ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଏକ ବନ୍ଧୁମିଳନରେ ବବି କହିଥିଲେ ଯେ, ମୋତେ ପଛେ ଯେତେ ଗାଳି ଦେଉଛ ଦିଅ, ହେଲେ କୋରେଇଙ୍କୁ ଟଙ୍କା ଦିଅ। ଏମିତି ହେଲେ ମୁଁ ବହୁତ ଖୁସି ହେବି। ମୋ କଥା ଶୁଣିବା ପରେ ଟଙ୍କା ଆସିବା ନିଶ୍ଚିତ ବୋଲି ବବି ଜୋରଦେଇ କହିଥିଲେ । ଯାହାକୁ ନେଇ ଏବେ ଯାଜପୁରରେ ଜୋରଦାର ଚର୍ଚ୍ଚା ହେବା ସହ ତାଙ୍କ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି।




# ନବୀନଙ୍କ 'ଜୋନ୍' ରଣନୀତି

ଯାହା ଆଶା କରାଯାଉଥିଲା, ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଠିକ୍ ସେମିତି ହିଁ ରଣନୀତି କରୁଛନ୍ତି । ଏବେ ଜୋନ୍‌ୱାରୀ ସେ ଦଳକୁ ସଂଗଠିତ କରିବାକୁ ଦାୟିତ୍ୱ ଆବଣ୍ଟନ କରିଛନ୍ତି । ମହିଳା ମୋର୍ଚ୍ଚାର ସାଂଗଠନିକ ତାଲିକା ଦେଖିଲେ ଏହା ସ୍ପଷ୍ଟ ଅନୁମେୟ । ଆଗକୁ ବରିଷ୍ଠ ନେତାଙ୍କୁ ମଧ୍ୟ ଅନୁରୂପ ଭାବେ ଜୋନୱାରୀ ଦାୟିତ୍ୱ ପ୍ରଦାନ କରାଯିବ ।

ବିଜେଡ଼ି ମହିଳା ମୋର୍ଚ୍ଚା ପାଇଁ ନବୀନ ୭ଟି ଜୋନ୍ କରିଛନ୍ତି । ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼କୁ ଗୋଟିଏ ଜୋନ୍, କଟକ, କଟକସଦର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ ଓ ଅନୁଗୁଳକୁ ଆଉ ଗୋଟିଏ ଜୋନ୍ କରାଯାଇଛି । ସେହିପରି ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ-୧, ମୟୂରଭଞ୍ଜ-୨କୁ ଗୋଟିଏ, ସୁନ୍ଦରଗଡ଼, ରାଉରକେଲା, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼ ଓ ବରଗଡ଼କୁ ଆଉ ଗୋଟିଏ ଜୋନ୍ କରାଯାଇଛି । ଅନ୍ୟପକ୍ଷରେ ବଲାଙ୍ଗୀର, ସୋନପୁର, ନୂଆପଡ଼ା, କଳାହାଣ୍ଡିକୁ ନେଇ ଗୋଟିଏ ଜୋନ୍ ହୋଇଥିବାବେଳେ ଅନ୍ୟ ଦୁଇଜୋନ୍ ହେଉଛି ଗଞ୍ଜାମ, ବ୍ରହ୍ମପୁର, ଗଜପତି, କନ୍ଧମାଳ, ବୌଦ୍ଧ ଏବଂ ମାଲକାନାଗିରି, ନବରଙ୍ଗପୁର, କୋରାପୁଟ ଓ ରାୟଗଡ଼ା ।

# ସୌଭିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବେ କି ନବୀନ?





## ହାରୁ ନେତାଙ୍କୁ ବାପପୁଅଙ୍କ ଧକ୍କାର

ବିଜେଡ଼ିର ହାରୁ ନେତାଙ୍କୁ କେବେ ପ୍ରଭାତ ବିଶ୍ୱାଳ ଧକ୍କାର କରୁଛନ୍ତି ତ ଆଉ କେବେ ସୌଭିକ ବିଶ୍ୱାଳ । ଯାହାକି ବିଜେଡ଼ିରେ ବିଶୃଙ୍ଖଳାକୁ ପ୍ରଶୟ ଦେଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ହାରୁନେତାଙ୍କୁ ନେଇ ପ୍ରଭାତଙ୍କ ପରେ ଏବେ ସୌଭିକ ମଧ୍ୟ ଟୀକାଟୀପ୍ପଣୀ ଦେଇ ଚର୍ଚ୍ଚାରେ ଅଛନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ବିଜେଡ଼ିରେ ଅନେକ ଏହାର ମଜା ନେଉଥିବାବେଳେ ହାରୁନେତା ରାଗ ଗରଗର ହୋଇ ଚୁପ୍ ରହୁଛନ୍ତି । ଯଦି ରାଜନୀତିକ ଅନୁଶୀଳନ କରିବା, ତେବେ ଏହା ପରୋକ୍ଷରେ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ବି ଚ୍ୟାଲେଞ୍ଜ କରିବା ଭଳି ନୁହେଁକି?

ଏକଥା ଆମେ ଏଇଥିପାଇଁ କହୁଛୁଯେ, ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ରାଜନୈତିକ ବ୍ୟାପାର କମିଟିରେ ଅନେକ ହାରୁନେତାଙ୍କୁ ସ୍ଥାନ ଦେଇଛନ୍ତି । ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ବିକ୍ରମ କେଶରୀ ଆରୁଖ, ସୁଦାମ ମାରାଣ୍ଡି, ଟୁକୁନି ସାହୁ ଓ ସଂତୃପ୍ତ ମିଶ୍ର ଗତ ନିର୍ବାଚନରେ ହାରି ଯାଇଥିଲେ । ସେହିପରି ଦଳର ଅନ୍ୟ କାର୍ଯ୍ୟକ୍ରମ ବୁଝୁଥିବା ନେତା ହେଉଛନ୍ତି ଦେବୀ ପ୍ରସାଦ ମିଶ୍ର ଓ ପ୍ରତାପ ଜେନା । ଗାଏମୋଟ୍ କହିଲେ ଏହି ସବୁ ହାରୁ ନେତା ଏବେ ବିଜେଡ଼ିର ମାମଲତକାର ସାଜିଛନ୍ତି । ଆଉ ଏମାନଙ୍କୁ ନବୀନ ହିଁ ଦାୟିତ୍ୱ ଦେଇଛନ୍ତି । ଦଳର ସଭାପତିଙ୍କ ନିଷ୍ପତ୍ତିକୁ ସମସ୍ତେ ସ୍ୱୀକାର କରିବା କଥା । ହାରୁନେତାଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସର୍ବସାଧାରଣରେ କ୍ଷୋଭ ପ୍ରକାଶ କରିବାର ଅର୍ଥ ହେଉଛି, ନବୀନଙ୍କ ନିଷ୍ପତ୍ତିକୁ ନେଇ ଅସନ୍ତୋଷ । ନବୀନଙ୍କ ନିଷ୍ପତ୍ତିକୁ ହିଁ ଚ୍ୟାଲେଞ୍ଜ? କାହିଁକିନା ସେମାନେ ଗତ ନିର୍ବାଚନରେ ହାରିଛନ୍ତି ବୋଲି ନବୀନ ଜାଣିନାହାନ୍ତି କି? ସବୁ ଜାଣିଶୁଣି ନବୀନ ତାଙ୍କ ହିସାବରେ ନେତାଙ୍କୁ ଚୟନ କରିଛନ୍ତି ।

କିନ୍ତୁ ହାରୁନେତାଙ୍କୁ ନେଇ ମଝିରେ ପ୍ରଭାତ ବିଶ୍ୱାଳ ଗର୍ଜନ କରିଥିଲେ । ଏମିତିବି ମଞ୍ଚ ଉପରେ ଧମକପୂର୍ଣ୍ଣ ଚେତାବନୀ ଦେଇଥିଲେ । ସତେଯେମିତି ସେ ହେଉଛନ୍ତି ଦଳର ସର୍ବେସର୍ବା । କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀରେ ପ୍ରଭାତଙ୍କର ଦୃଢ଼ ସଂଗଠନ ରହିଛି । ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ହେଲେ ସେ ରାଜ୍ୟସ୍ତରୀୟ ନେତା ନୁହଁନ୍ତି । ଦଳ କେବେବି ପ୍ରଭାତଙ୍କୁ ତାଙ୍କ ନିର୍ବାଚନମଣ୍ଡଳୀ ବ୍ୟତୀତ ଅନ୍ୟ ବଡ଼ ଦାୟିତ୍ୱ ଦେଇନାହିଁ । କିନ୍ତୁ ଏବେ ସେ ଯେମିତି ଗର୍ଜନ କରୁଛନ୍ତି, ସତେଯେମିତି ସେ ବିଜେଡ଼ିର ଆଗଧାଡ଼ିର ରାଜ୍ୟସ୍ତରୀୟ ନେତା । କେବଳ ବ୍ୟକ୍ତିଗତ ରାଗ ପାଇଁ ସେ ଜର ବାଉଳାରେ ତାଟିଆ କାମୁଡୁଛନ୍ତି କହିଲେ ଭୁଲ୍ ହେବନାହିଁ । ଯେଉଁ ହାରୁନେତାଙ୍କୁ ସେ ଆକ୍ଷେପ କରୁଛନ୍ତି ସେମାନେ ପ୍ରଭାତଙ୍କ ଠାରୁ ବହୁ ଅଧିକ ଥର ବିଧାୟକ ହୋଇଛନ୍ତି, ମନ୍ତ୍ରୀ ବି ହୋଇଛନ୍ତି । ମନ୍ତ୍ରୀ ହେବାର ସୌଭାଗ୍ୟ ବି କେବେ ପ୍ରଭାତଙ୍କ ପାଇଁ ଆସିନାହିଁ । ଏମିତିକି କଟକ ଜିଲ୍ଲା କଥା ଛାଡ଼ କଟକ ସହରରେ ମଧ୍ୟ ପ୍ରଭାତଙ୍କ ଅପେକ୍ଷା ଦେବାଶିଷ ସାମନ୍ତରାୟଙ୍କୁ ହିଁ ନବୀନ ବାବୁ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିଲେ । ହେଲେ ଚିଟ୍‌ଫଣ୍ଡ ଘଟଣାରେ ପ୍ରଭାତଙ୍କ ରାଜନୀତିକ ଭବିଷ୍ୟତ ଅସ୍ତ ହୋଇଯାଇଛି । ତେବେ ସଂଗଠନ ଥିବାରୁ ଦଳ ତାଙ୍କ ପୁଅ ସୌଭିକଙ୍କୁ ଟିକେଟ୍ ଦେବାକୁ ବାଧ୍ୟ ହୋଇଥିଲା । ସୌଭିକ ବି ଦୁଇ ଦୁଇ ଥର ବିଧାୟକ ହୋଇ ସାରିଲେଣି । କିନ୍ତୁ ବାପାଙ୍କ ଭଳି ସୌଭିକ ବି ନିଜଠୁ ବହୁ ବରିଷ୍ଠ ନେତାଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି ।


ଜଣେ ବିଜେଡ଼ି ନେତାଙ୍କ କହିବାନୁଯାୟୀ, ରାଜନୀତିରେ ହାରଜିତ୍ ଲାଗି ରହିଥାଏ । ବହୁ ବଡ଼ ବଡ଼ ନେତାବି ହାରିଛନ୍ତି । ବିଜୁବାବୁ ଏକ ସମୟରେ ବହୁ ସ୍ଥାନରୁ ହାରିଥିଲେବି ତାଙ୍କୁ ହିଁ ଦଳ ନେତା ବୋଲି ଗ୍ରହଣ କରି ଆସୁଥିଲା । ହାରିଗଲେ କେହି ନେତା ଛୋଟ ହୋଇ ଯାଆନ୍ତିନି କି ତାଙ୍କର ପ୍ରଭାବ କମିଯାଏନି । ନିର୍ବାଚନମଣ୍ଡଳୀର ରାଜନୀତିକ ଅଙ୍କ ବଦଳୁଥିବାରୁ ଅନେକ ନେତାଙ୍କୁ ଏମିତି ସମୟର ସାମ୍ନା କରିବାକୁ ପଡ଼ିଥାଏ । ହେଲେ ବାଇଚାନ୍ସ ରାଜନୀତିକୁ ଆସି ବାପାଙ୍କ କୋଟାରେ ବିଧାୟକ ହୋଇଥିବା ଜୁନିୟର ନେତାଙ୍କ ଏମିତି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ । ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ମଧ୍ୟ ସୌଭିକଙ୍କ ଆଚରଣ ସମ୍ପର୍କରେ ଅବଗତ କରାଯାଇଛି । ଆସନ୍ତା ଫେବୃଆରୀ ୨୪ରେ ବିଜେଡ଼ିର 'ଗର୍ଜନ' ସମାବେଶ ହେବ । ସମାବେଶକୁ ସଫଳ କରିବା ପାଇଁ ନବୀନଙ୍କ ନିର୍ଦ୍ଦେଶରେ ବରିଷ୍ଠ ନେତାମାନେ ଏକାଠି ହୋଇ ଆଲୋଚନା କରୁଥିଲେ । କିନ୍ତୁ ସେହି ସମୟରେ ସୌଭିକ ବରିଷ୍ଠ ନେତାମାନଙ୍କୁ ଟାର୍ଗେଟ୍ କରିଥିଲେ । ଆପଣମାନଙ୍କ ପାଇଁ ମୋ ବାପାଙ୍କୁ ହଇରାଣ ହେବାକୁ ପଡୁଛି । ହାରୁନେତାମାନେ କାହିଁକି ଦଳ କଥା ବୁଝୁଛନ୍ତି ବୋଲି ପ୍ରଶ୍ନ କରିବା ସହ ବୈଠକ ଅଧାରୁ ଉଠି ପଳାଇଥିଲେ । ଯାହାକୁ ନେଇ ବହୁ ବରିଷ୍ଠ ନେତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଅନ୍ୟ ଜଣେ ବରିଷ୍ଠ ନେତା କହିଛନ୍ତି, ଆଜି ସୌଭିକ କହିଲେ । ନବୀନ ବାବୁ ଯଦି ଏନେଇ ପଦକ୍ଷେପ ନନେବେ ତେବେ କାଲି ଅନ୍ୟ ନେତାମାନେ ବି କହିବେ । ଯାହାକି ଦଳର ଶୃଙ୍ଖଳା ଭଙ୍ଗ କରିବ । ଯଦି ତାଙ୍କର କେଉଁଠି ସମସ୍ୟା ହେଉଛି ତେବେ ପ୍ରଭାତ ଓ ସୌଭିକ ଯାଇ ନବୀନଙ୍କ ସହ ଆଲୋଚନା କରନ୍ତୁ । ଦଳ କାହାକୁ ଦାୟିତ୍ୱ ଦେବ ତାହା ନବୀନଙ୍କ ଇଚ୍ଛା । ଏମିତି କରି ଉଭୟ ବାପପୁଅ ଦଳକୁ ଖୋଲାଚ୍ୟାଲେଞ୍ଜ ଦେଉଛନ୍ତି । ଯାହାକି ଆଦୌ ଗ୍ରହଣୀୟ ନୁହେଁ ।

# ଭାଇ ତୁମେ ଫୁଲକୁ ଆସ...

ଆଜିକାଲି ବେଶୀ ଚର୍ଚ୍ଚାରେ ଅଛନ୍ତି ଅରବିନ୍ଦ ମହାପାତ୍ର। ନବୀନ ବାବୁ ତାଙ୍କୁ ନିଲମ୍ବିତ କରି ଚା' କପ୍‌ରେ ଝଡ଼ ସୃଷ୍ଟି କରିଛନ୍ତି। ଏଥିରେ ବିଜେଡ଼ିର କେତେ ଲାଭ, କେତେ କ୍ଷତି ତାହା ତ ସମୟ କହିବ, ହେଲେ ଅରବିନ୍ଦଙ୍କର କିନ୍ତୁ ପ୍ରବଳ ଲାଭ ହୋଇଛି। ବିଧାନସଭାରେ ବି ଅରବିନ୍ଦଙ୍କର କ୍ରେଜ୍ ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବି ତାଙ୍କ ସହ ବେଶ୍ ଭଲରେ କଥା ହୋଇଥିଲେ। ସମ୍ପ୍ରତି ବୁଲେଇ ବଙ୍କେଇ ଅରବିନ୍ଦ ବିଜେଡ଼ିକୁ ନାଛି ଦେଉଥିବାରୁ ବିଜେପି ବିଧାୟକ ବିଧାୟିକାମାନେ ବି ତାଙ୍କ ସହ ଖଟି ଜମାଇଥିଲେ। ତେବେ ଉପାସନା ଓ ସଞ୍ଜୀଲିଙ୍କ ସହ ଅରବିନ୍ଦଙ୍କର ଖଟି ଉପରେ କିନ୍ତୁ ଆମର ନିଘା ରହିଥିଲା। ଏମିତିବି ଅରବିନ୍ଦଙ୍କ ସହ ପଦ୍ମଫୁଲ ବାଲାଙ୍କର ଭଲ ଭାବନାବ ଅଛି। କାହିଁକିନା ଆଗରୁ ସେ ବିଜେପି ସଂଗଠନ ହିଁ କରୁଥିଲେ। ଉପାସନା ଓ ସଞ୍ଜୀଲିଙ୍କ ମଝିରେ ବସି ଅରବିନ୍ଦ ଖଟି ଜମାଇଥିଲେ।

ଏମିତିବି ଉପାସନା ହେଉଛନ୍ତି ଲୁଲୁ ମହାପାତ୍ରଙ୍କ ଝିଅ, ଆଉ ଅରବିନ୍ଦ ହେଉଛନ୍ତି ବିଜୟ ମହାପାତ୍ରଙ୍କ ପୁଅ। ଲୁଲୁ ଓ ବିଜୟ ଭିନ୍ନଭିନ୍ନ ଦଳରେ ହୋଇଥିଲେବି ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା। କଥା ଛଳରେ ଉପାସନା ଗୋଟି ଚଳାଇଥିଲେ। ଅରବିନ୍ଦ ଭାଇ ତୁମେ ଏବେ ଫୁଲକୁ ଆସ ବୋଲି କହିଥିଲେ। ଏ ଦୃଶ୍ୟ ଦେଖି ଆମର ଗଲାବର୍ଷ ହୋଲି କଥା ମନେପଡ଼ିଗଲା। ଉପାସନା ହୋଲି ଖେଳିବାକୁ ପହଁଚି ଯାଇଥିଲେ ବିଜୟ ମହାପାତ୍ରଙ୍କ ଘରେ। ଅରବିନ୍ଦଙ୍କ ଗାଲରେ ସେ ଗେରୁଆ ରଙ୍ଗ ଲଗାଇ ଦେଇଥିଲେ। ସେତେବେଳେ ଅରବିନ୍ଦ ବିଜେଡ଼ିରେ ଥିବାରୁ ସ୍ୱାଭାବିକ ଭାବେ ସବୁଜ ରଙ୍ଗ ଲଗାଇବାକୁ ହାତ ବଢ଼ାଇଲେ। କିନ୍ତୁ ଉପାସନା ମନା କରିଦେଇଥିଲେ, ଯଦି ଲଗାଇବେ ତାହେଲେ ନାରଙ୍ଗୀ ରଙ୍ଗ ହିଁ ଲଗାନ୍ତୁ। ତେବେ ଦେଖାଯାଉ ଶଙ୍ଖ ଖୁଆଡ଼ରୁ ଆଜାଦ୍ ହେବା ପରେ ଭାଇ ଅରବିନ୍ଦ ପଦ୍ମପୋଖରୀରେ ବୁଡ଼ ପକାଉଛନ୍ତି କି ନାଇଁ ।







# ସଂଜୟ ଓ ମଧୁମତୀ

# ଶୀତଳଯୁଦ୍ଧ

ସମ୍ପ୍ରତି ପାଟକୁରା ରାଜନୀତି ଏକ ଅଜବ ମୋଡ଼ରେ। ବିଜୟ ମହାପାତ୍ରଙ୍କ ପୁଅ ତଥା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ନିଲମ୍ବନ କରିବା ପରେ ସେଠାରେ ଏବେ ବାଦିପାଲା ଚାଲିଛି। ଗୋଟିଏ ପଟେ ଅରବିନ୍ଦ ସମର୍ଥକ ଓ ଅପରପକ୍ଷରେ ଅରବିନ୍ଦ ବିପକ୍ଷଙ୍କ ଭିତରେ ଜମାଣିଆ ଶକ୍ତି ପ୍ରଦର୍ଶନ ଦେଖିବାକୁ ମିଳିଛି। ତେବେ ପାଟକୁରାରେ ନବୀନ କାହାକୁ ବିଜେଡ଼ି ଦାୟିତ୍ୱ ଦେବେ ତାହାକୁ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଛି। ନବୀନ ଯାହାଙ୍କୁ ପାଟକୁରା ଦାୟିତ୍ୱ ଦେବେ ତାଙ୍କୁ ୨୦୨୯ରେ ବିଜେଡ଼ି ଟିକେଟ୍ ମିଳିବା ନିଶ୍ଚିତ ବୋଲି କୁହାଯାଉଛି। ତେଣୁ ପାଟକୁରା ଦାୟିତ୍ୱ ନେବା ପାଇଁ ବିଜେଡ଼ି ନେତାଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳୁଛି ।

ପାଟକୁରା ବିଜେଡ଼ି ଦାୟିତ୍ୱ ନେବା ସହ ଲଢ଼ିବା ପାଇଁ ଅତନୁ ସବ୍ୟସାଚୀ ନାୟକ, ଅମରେଶ ପତ୍ରୀ, ସଂଜୟ ଅଗ୍ରୱାଲ ଓ ମଧୁମତୀ ଅଗ୍ରୱାଲ ପ୍ରମୁଖ ଆଗଭର ହୋଇପଡ଼ିଛନ୍ତି। ଅତନୁ ଭାବିଥିଲେ ନବୀନ ବାବୁ ତାଙ୍କୁ ହିଁ ଦାୟିତ୍ୱ ଦେବେ। କିନ୍ତୁ ଅରବିନ୍ଦଙ୍କ ନିଲମ୍ବନ ନାଟକରେ ଭୁଲ୍ ଡାଇଲଗ ମାରି ସେ ଏବେ ସମାଲୋଚନାର ପାତ୍ର ହୋଇଯାଇଛନ୍ତି। ହିରୋ ବଦଳରେ ଭିଲିଆନ୍ ହୋଇ ଯାଇଛନ୍ତି କହିଲେ ଭୁଲ୍ ହେବନାହିଁ।

ଏବେ ପାଟକୁରା ଦାୟିତ୍ୱ ରେସ୍‌ରେ ରହିଛନ୍ତି ବେଦପ୍ରକାଶ ଅଗ୍ରୱାଲଙ୍କ ପରିବାର। ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ପ୍ରାୟ ଦେଢ଼ ଦଶନ୍ଧି ଧରି ଦିବଂଗତ ନେତା ବେଦୁବାବୁଙ୍କ ପରିବାର ହାତରେ ପାଟକୁରା ରହିଥିଲା । ସେ ନିଜେ ଦୁଇଥର ଜିତିଥିବାବେଳେ ଥରେ ତାଙ୍କ ପତ୍ନୀ ସାବିତ୍ରୀ ଅଗ୍ରୱାଲ ବି ଜିତିଥିଲେ। ସାବିତ୍ରୀ ବିଧାୟିକା ଥିବାବେଳେ ନିର୍ବାଚନମଣ୍ଡଳୀର ସବୁ ଦାୟିତ୍ୱ ମୁଣ୍ଡାଇଥିଲେ ପୁଅ ସଂଜୟ । କିନ୍ତୁ ଦେହ ଅସୁସ୍ଥ ରହିବା ସହ ୨୦୨୪ରେ ଟିକେଟ ନମିଳିବାରୁ ବେଶ୍ କିଛି ଦିନ ଧରି ସଂଜୟ ପାଟକୁରା ରାଜନୀତିରେ ସେମିତି ଚଳଚଞ୍ଚଳ ନଥିଲେ। ସେହି ସମୟରେ ଅବଶ୍ୟ ତାଙ୍କ ଭଉଣୀ ମଧୁମତୀ ବେଦୁବାବୁଙ୍କ ସଂଗଠନକୁ ବଞ୍ଚାଇ ରଖିଥିଲେ। ସେମାନଙ୍କ ସମର୍ଥକଙ୍କ ହାନିଲାଭ ବୁଝୁଥିଲେ । ଗରଦପୁର ବ୍ଲକର ଅଧିକାଂଶ ବିଜେଡି ନେତା ମଧୁମତୀଙ୍କ ସହିତ ଥିବା ବେଳେ ଡେରାବିଶ ବ୍ଲକର ସାତ ଆଠ ପଞ୍ଚାୟତରେ ସରପଞ୍ଚ ଏବଂ ସମିତି ସଭ୍ୟ ବି ତାଙ୍କ ସହ ଭିତରିଆ ରହିଛନ୍ତି । ହେଲେ ସଞ୍ଜୟ ଏବେ ନିଜେ ପାଟକୁରା ରାଜନୀତିକୁ ହାତମୁଠାରେ ରଖିବାକୁ ଚାହୁଁଛନ୍ତି। ଭଉଣୀଙ୍କ ବଦଳରେ ସେ ହିଁ ନେତୃତ୍ୱ ନେବାକୁ ଚାହୁଁଥିବା ଚର୍ଚ୍ଚା ହେଉଛି। କିନ୍ତୁ ସାଂଗଠନିକ ଦକ୍ଷତା ସହ ମହିଳା ହୋଇଥିବାରୁ ସେ କୁଆଡ଼େ ନବୀନଙ୍କ ଗୁଡ଼ବୁକରେ ରହିଥିବା ଜାଣିବାକୁ ମିଳିଛି। ପୂର୍ବରୁ ବେଦୁବାବୁ ବିଜେପିରେ ଥିଲେ। ଏବେ ପାଟକୁରା ବିଜେପିରେ ତେଜେଶ୍ୱର ଓ ଉମାଙ୍କ ମଧ୍ୟରେ ଲଢ଼େଇ ଚାଲିଛି। ଏହି ମଉକାରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଉପରେ ବି ତାଙ୍କର ନଜର ରହିଛି । ବାପାଙ୍କ ଅମଳର ପୁରୁଣା କାର୍ଯ୍ୟକର୍ତ୍ତାଙ୍କ ସହ ସେ ଯୋଗସୂତ୍ର ରଖିଥିବା କୁହାଯାଉଛି। ତେବେ ନବୀନ ବାବୁ କାହାକୁ ପାଟକୁରା ଦାୟିତ୍ୱ ଦେବେ ତାହା ଉପରେ ଅନେକ କିଛି ନିର୍ଭର କରେ, ଅତନୁ, ଅମରେଶ ନା ଅଗ୍ରୱାଲ ପରିବାର ?

# ବିଜେଡ଼ିର 'ପୁରୀ' ଅଭିଯାନ





ଏକଦା ପୁରୀ ଜିଲ୍ଲାର ବିଜେଡ଼ି ନେତାମାନେ ରାଜ୍ୟ ରାଜନୀତିରେ ଦବଦବା ଜାହିର କରୁଥିଲେ । ବହୁ ଟାଣୁଆ ନେତା ଥିବାରୁ ମନ୍ତ୍ରୀ ପଦ ପାଇଁ ବି ଛକାପଞ୍ଝା ଦେଖିବାକୁ ମିଳୁଥିଲା। ପୁରୀରେ ମହେଶ୍ୱର ମହାନ୍ତି, ପିପିଲିରେ ପ୍ରଦୀପ ମହାରଥି, ବ୍ରହ୍ମଗିରିରେ ସଂଜୟ ଦାସବର୍ମା ଓ ନିମାପଡ଼ାରେ ସମୀର ରଞ୍ଜନ ଦାସ, ନବୀନଙ୍କ ବିଭିନ୍ନ ପାଳିରେ ମନ୍ତ୍ରୀ ବି ହୋଇଥିଲେ । ହେଲେ ୨୦୨୪ ସବୁ ଖେଳ ବିଗାଡ଼ି ଦେଇଛି । ପୁରୀ ଓ କାକଟପୁରକୁ ଛାଡ଼ିଦେଲେ ବାକି ସବୁ ନିର୍ବାଚମଣ୍ଡଳୀରେ ବିଜେପି ହିଁ ବାଜିମାତ୍ କରିଛି। ଅତଏବ ପୁରୀରେ ବିଜେପି ଓ ବିଜେଡ଼ି ୪-୨ ସ୍ଥିତିରେ ରହିଛନ୍ତି। ଏବେ କିନ୍ତୁ ବିଜେଡ଼ି ନେତାମାନେ ନିଜ ନିଜ ନିର୍ବାଚନମଣ୍ଡଳୀ ସହ ପଡ଼ୋଶୀ ନିର୍ବାଚନମଣ୍ଡଳୀ ଉପରେ ଧ୍ୟାନ ଦେବା ଆରମ୍ଭ କରିଦେଇଛନ୍ତି। ସବୁ ବିଜେଡ଼ି ନେତାମାନେ ଏକାଠି ହୋଇ ଦଳକୁ ମଜବୁତ କରିବା ଉପରେ ଫୋକସ କରୁଥିବା ଦେଖିବାକୁ ମିଳୁଛି ।

ପୁରୀରେ ମହେଶ୍ୱର ମହାନ୍ତିଙ୍କ ପୁଅ ସୁନୀଲ ମହାନ୍ତି ପ୍ରଥମ ଥର ବିଧାୟକ ହୋଇଛନ୍ତି। ପୁରୀ ଆସନରେ ବିଜେଡ଼ିକୁ ଜିତାଇବା ପାଇଁ ଦଳ ଶୁଭାଶିଷ ଖୁଣ୍ଟିଆଙ୍କୁ ରାଜ୍ୟସଭାକୁ ପଠାଇଥିଲା ।ଅବଶ୍ୟ ଏବେବି ସେଠାରେ ସୁନୀଲ ଓ ଶୁଭାଶିଷଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଛି। କିନ୍ତୁ ଏହାଦ୍ୱାରା ପରୋକ୍ଷରେ ଦଳ ବି ମଜବୁତ୍ ହେଉଛି। ସୁନୀଲ ନିଜ ସମର୍ଥକଙ୍କ ହାନିଲାଭ ବୁଝୁଥିବାବେଳେ ଶୁଭାଶିଷ ବି ନିଜ ସମର୍ଥକଙ୍କୁ ରାଜ୍ୟସଭା ପାଣ୍ଠି ଦେଇ ମନ ବୁଝାଇ ପାରୁଛନ୍ତି। ଯେଉଁଥିପାଇଁ ବିଜେପି ଆଗକୁ ବଢ଼ିବାର ରାସ୍ତା ପାଉନାହିଁ।

ବ୍ରହ୍ମଗିରିରେ ଗତଥର ଯେଉଁ ଭୁଲ୍ ସଂଜୟ କୁମାର ଦାସବର୍ମା କରିଥିଲେ ଏବେ ସେ ଭୁଲ୍ ସୁଧାରିବାରେ ଲାଗି ପଡ଼ିଛନ୍ତି। ଉପାସନା ବ୍ରହ୍ମଗିରିରେ ଘନଘନ ବୁଲୁଥିବାରୁ ସଂଜୟ ବି ଆଉ ଭୁବନେଶ୍ୱରରେ ନବସି ନିଜ ଅଞ୍ଚଳକୁ ଯାଉଛନ୍ତି । ଶଙ୍ଖ ଭବନରେ ବି ମାନସମନ୍ଥନ କରୁଛନ୍ତି। ସତ୍ୟବାଦୀର ପୂର୍ବତନ ବିଧାୟକ ଉମା ସାମନ୍ତରାୟ ଏବେ ଜିଲ୍ଲା ବିଜେଡ଼ିର ମଙ୍ଗ ଧରିଛନ୍ତି। ଉମାଙ୍କ ସାଙ୍ଗଠନିକ ଦକ୍ଷତା ଉପରେ କାହାର ବି ପ୍ରଶ୍ନ ନାହିଁ। କାହିଁକିନା ସ୍ୱାଧୀନ ଭାବେ ବି ସେ ସତ୍ୟବାଦୀରୁ ବାଜିମାତ୍ କରିଥିଲେ। ଉମା ଏବେ ସତ୍ୟବାଦୀରେ ସଂଗଠନକୁ ମଜବୁତ କରୁଥିବାରୁ ବିଜେପି ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ମୁଣ୍ଡବିନ୍ଧା ବଢ଼ିଯାଇଛି। ପିପିଲିରେ ପୂର୍ବାପେକ୍ଷା ରୁଦ୍ର ମହାରଥିଙ୍କ ସ୍ଥିତିରେ ଟିକେ ସୁଧାର ଆସିଛି। ତେବେ ତାଙ୍କର ସାଂଗଠନିକ ଦକ୍ଷତା ପଞ୍ଚାୟତ ନିର୍ବାଚନରେ ହିଁ ସ୍ପଷ୍ଟ ହୋଇପାରିବ। ଏମିତିବି କାକଟପୁରରେ ତୁଷାରକାନ୍ତି ବେହେରା ଲଗାତର ଦୁଇଥର ଜିତି ନିଜର ସ୍ଥିତି ସୁଦୃଢ଼ କରିପାରିଛନ୍ତି। କାକଟପୁରରେ ବିଜେଡ଼ିର ସ୍ଥିତି ଭଲ ଥିଲେବି ସ୍ୱାଧୀନ ନାୟକଙ୍କ ମତିଗତି ଉପରେ ଅନେକ କିଛି ନିର୍ଭର କରିବ।

ଏସବୁ ଭିତରେ ସମସ୍ତଙ୍କର ନଜର ନିମାପଡ଼ା ଉପରେ ରହିଛି। ନିମାପଡ଼ାରେ ବିଜେଡ଼ି ଓ ବିଜେପି ରାଜନୀତି କଡ଼ ଲେଉଟାଇଛି। ଗୋଟିଏ ପଟେ ନିର୍ବାଚନ ବେଳେ ସମୀର ଦାସଙ୍କ ପିଠି ଥାପୁଡ଼ାଇଥିବା ବିଜେପି ଏବେ ବିଧା ମାରିବାକୁ ବି ପଛାଉନାହିଁ। ବିଜେପିରେ ଏମିତି ବ୍ୟବହାର ଦେଖି ସମୀର ଏବେ ସ୍ୱାଧୀନ ଭାବେ ସଂଗଠନ କରିବା ଆରମ୍ଭ କରିଦେଲେଣି। ପୁଣିଥରେ ଘରବାହୁଡ଼ା ପାଇଁ ସେ ଯୋଜନା କରିଥିଲେ ବି ବିଜେଡ଼ି ଏବେ ସୁବ୍ରତ ଛାଟୋଇଙ୍କୁ ଆଗକୁ ଛାଡ଼ିଛି। ନିକଟରେ ଜିଲ୍ଲା ସଭାପତି ଉମା ସାମନ୍ତରାୟଙ୍କ ନେତୃତ୍ୱରେ ନିମାପଡ଼ାରେ ବିଶାଳ ରାଲି ହୋଇଥିଲା। ଚାଷୀଙ୍କ ପ୍ରସଙ୍ଗରେ ଦଳ ଗର୍ଜିବା ସହ ଶକ୍ତି ପ୍ରଦର୍ଶନ କରିଛି। ଯଦି ବିଜେଡ଼ି ଆଗକୁ ଏମିତି ସଂଗଠନ ଆଗକୁ ବଢ଼ାଏ ତେବେ ପୁରୀ ରାଜନୀତିକ ଚିତ୍ର ବଦଳିଯିବାର ସମ୍ଭାବନା ରହିଛି ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA

## ସାବାସ୍ ସୁନୀତ



ଆଜିକା ଦିନରେ ଖବରକାଗଜମାନଙ୍କରେ ତ ରାଜନୀତିର ଭିତିରିଆ ଖବର ଜମା ବାହାରୁନି। ଅନେକ ସାମ୍ବାଦିକମାନେ ଚାପଗ୍ରସ୍ତ ହୋଇ ଲେଖିବାକୁ ବି ଉଚିତ୍ ମନେ କରୁନାହାନ୍ତି। ବିଜେଡ଼ି ଅମଳରେ ଯେଉଁମାନେ ଭଲ ମାଣିଆ କମେଇଥିଲେ ସେମାନଙ୍କର ଏଯାଏଁ ଶଙ୍ଖ ପ୍ରୀତି ଛାଡ଼ିନି । ସେପଟେ ବିଜେପି ଉପରେ ଲେଖିଲେ କାଳେ ସରକାର କି ଦଳ ରାଗିଯିବ, ସେଥିପାଇଁ ବି ଅନେକ ଲେଖା ବନ୍ଦ କରିଦେଲେଣି। କେତେକଙ୍କ ପାଖରେ ତଥ୍ୟ ଅଛି, କଲମ ବି ରେଡ୍ଡୀ, ହେଲେ କାଗଜ ଅନୁମତି ଦେଉନଥିବାରୁ କଲମ ଚାଲୁନି । କିନ୍ତୁ ତଥାଗତ ବାବୁ ଏବେ ନିଜ ସାମ୍ବାଦିକଙ୍କୁ ଫ୍ରି ହ୍ୟାଣ୍ଡ ଦେଇ ଦେଇଛନ୍ତି । ସେଥିପାଇଁ ସୁନୀତ ବାବୁଙ୍କର କଲମ ଘାଇଁଘାଇଁ ଚାଲୁଛି। ଏଇ ନିକଟରେ ସେ ଲେଖିଥିଲେ ଗୃହ ଅଚଳକୁ ନେଇ କିଭଳି ଶାସକ ଦଳରେ ଫାଟ ସୃଷ୍ଟିହୋଇଛି। କିଛି ବିଧାୟକ ଆଲୋଚନାରେ ଭାଗ ନେବାକୁ ଚାହୁଁଥିଲେବି ନବୀନବାବୁ ଅନୁମତି ଦେଉନଥିଲେ। ତାଙ୍କ ଲେଖାକୁ ଅନେକ ପ୍ରଥମେ ପ୍ରଥମେ ଗୁରୁତ୍ୱ ଦେଉନଥିଲେ। ହେଲେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ଏକଥା କହିବା ପରେ ସୁନୀତଙ୍କ ରିପୋର୍ଟକୁ ନେଇ ଚର୍ଚ୍ଚା ହୋଇଥିଲା। ପରେପରେ ସେ ଲେଖିଥିଲେ, କିଭଳି ଭାବେ ପୂର୍ବ ଯୋଜନା ମୁତାବକ ବିଜେଡ଼ି-ବିଜେପି ଏକାଠି ହୋଇ ଗୃହ ଅଚଳ କରୁଛନ୍ତି । ସର୍ବଦଳୀୟ ବୈଠକ କାହିଁକି ଡକାଯାଉନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ଏହାପରେ ବାଚସ୍ପତି ବି ସର୍ବଦଳୀୟ ବୈଠକ ଡାକିଥିଲେ ।

## ଟଙ୍କା ପାଇଁ ଦଳବଦଳ

ଯାଜପୁରରେ କୁଆଡ଼େ ଟଙ୍କା ପାଇଁ ଦଳବଦଳ ଚାଲିଛି । ଜଣେ ନେତ୍ରୀ ଏବେ ଟଙ୍କା ଲୋଭରେ ଫସିଯାଇଛନ୍ତି । ଚର୍ଚ୍ଚା ଅନୁଯାୟୀ, ବିଜେଡ଼ିର ଜଣେ ନେତ୍ରୀ କୁଆଡ଼େ ବବି ଦାସଙ୍କୁ ମାସିକିଆ ଏତିକି ଟଙ୍କା ନଦେଲେ ବିଜେପିକୁ ପଳାଇବେ ବୋଲି କହିଥିଲେ । ବବି ବି ଟଙ୍କା ଦେଇପାରିବେନି ବୋଲି ରୋକଠୋକ କହିବାରୁ ନେତ୍ରୀ ଜଣଙ୍କ ବିଜେପି ଯାଇଥିଲେ । ହେଲେ ଡିଲ୍ ଅନୁଯାୟୀ ନେତ୍ରୀଙ୍କୁ କୁଆଡ଼େ ସେପଟୁ ବି ଟଙ୍କା ମିଳିନି । ଯେଉଁଥିପାଇଁ ଲୋକେ କହୁଛନ୍ତି, ମହରଗରୁ ଯାଇ କାନ୍ତାରରେ ପଡ଼ିଗଲେ । ଜାତିଗଲା, ହେଲେ ପେଟ ପୂରିଲାନି ।

ଗର୍ବିତ ଓଡ଼ିଆ

# ଜୟ୍ .... ଦାମ ୨.୦... ଲୋଡ଼ିଂ



ଜୟ ମିଶ୍ରଙ୍କୁ ଦେଖିବା ପରେ ଏବେ କାହିଁ ଆମର ଟିକେ ଦାମ ବାବୁଙ୍କ କଥା ମନେପଡୁଛି। ସେତେବେଳେ ନବୀନ ବାବୁଙ୍କୁ ବିରୋଧୀଙ୍କ ପଟୁ ଯେତିକି ଡରନଥିଲା, ତା'ଠୁ ଅଧିକ ଦାମବାବୁଙ୍କ ପଟୁ ଥିଲା। ମନ୍ତ୍ରୀ ଥିଲେ କହିବେ, ନଥିଲେ ବି କହିବେ। ନିୟମିତ ବ୍ୟବଧାନରେ ସେ ଏମିତି ବାଣ ମାରିବେଯେ, ମିଡ଼ିଆ ଆଉ ବିରୋଧୀଙ୍କୁ ମସଲା ମିଳିଯାଏ। ଦାମବାବୁ ଆରପାରିକୁ ଯିବାର ଅନେକ ଦିନ ବିତିଗଲାଣି। ଧିରେଧିରେ ସମସ୍ତେ ତାଙ୍କୁ ପାଶୋରି ଦେବାବି ସ୍ୱାଭାବିକ। ହେଲେ ଏବେ ଜୟଙ୍କ ରୂପରେ ଦାମବାବୁଙ୍କୁ ଦେଖିବାକୁ ମିଳୁଛି। ଦାମଙ୍କ ଭଳି ଜୟ ବି ଅନେକ ବାର ସରକାର ଓ ଦଳକୁ ଅକଳରେ ପକାଉଥିବା ଲକ୍ଷ୍ୟ କରାଯାଉଛି। ଦାମବାବୁ ଯେମିତି ମନ୍ତ୍ରୀ ପଦ ନପାଇଲେ ସିଧାସିଧା ଅସନ୍ତୋଷ ଝାଡ଼ନ୍ତି, ଜୟ ବି ସେମିତି ରୋଷ କରୁଥିବାର ଦେଖିବାକୁ ମିଳିଛି। ଖାଲି ସେତିକିନୁହେଁ, ନିକଟରେ ମଣ୍ଡି ସମସ୍ୟାକୁ ନେଇ ସେ ମନ୍ତ୍ରୀଙ୍କ ଉପରେ ବି ବର୍ଷିଥିଲେ। ସମ୍ଭାଳିପାରୁନା ଯଦି ପଦ ଛାଡ଼ିଦିଅ, ଆମକୁ ବଦନାମ କରନି ବୋଲି କହିବାକୁ ପଛାଇନଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ନିଶାନା ସାଧିବାକୁ ବି ଜୟ ପଛାଉନାହାନ୍ତି। ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖୁଥିବାବେଳେ ଆସନରେ ବସି ଜୟ ଟିପ୍ପଣୀ ଦେଉଥିଲେ। ବିରୋଧୀଙ୍କ ସମ୍ପର୍କରେ ବେଶୀ କୁହାଯାଉଥିବାରୁ ସେ ବିରକ୍ତି ପ୍ରକାଶ କରିଥିଲେ। ଯାହାକୁ ନେଇ ଶାସକ ଦଳର ମନ୍ତ୍ରୀ ଓ ବିଧାୟକମାନେ ଅପ୍ରସ୍ତୁତ ହୋଇପଡ଼ିଥିଲେ। ମଝିରେ ମଝିରେ ଜୟ ଦଳକୁ ଅକଳରେ ପକାଇବା ଘଟଣା ବିଜେପି ରାଜନୀତିକ ଅଳିନ୍ଦରେ ବେଶ୍ ଚର୍ଚ୍ଚା ସୃଷ୍ଟିକରିଛି।

# ସନାଙ୍କ ଲଢ଼େଇ ସଫଳ



କିଏ ମଦ ବିରୋଧରେ ଲଢ଼େଇ କରୁଛି ତ କିଏ ନିଶା ବିରୋଧରେ । ହେଲେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ମଦ ବୋତଲ ବିରୋଧରେ ଦୁର୍ବାର ଲଢ଼େଇ ଜାରି ରଖିଛନ୍ତି । ଫିଲ୍ଡରେ ଲଢ଼େଇ କରୁଛନ୍ତି ନା ନାହିଁ ଆମେ ଜାଣିନୁ, ହେଲେ ବିଧାନସଭାରେ କିନ୍ତୁ ଅବକାରୀ ମନ୍ତ୍ରୀଙ୍କ ସହ ସେ କାହିଁ କେଉଁ କାଳୁ ଲଢ଼େଇ କରି ଆସୁଛନ୍ତି । ସେ ବିଧାୟକ ହେବା ଦିନଠାରୁ ନିଶ୍ଚିତ ଭାବେ ମଦ ବୋତଲ ବିରୋଧରେ ପ୍ରଶ୍ନ କରୁଥିବା ଦେଖିବାକୁ ମିଳୁଛି। ଯାହାହେଉ ତାଙ୍କ ଏ ଲଢ଼େଇ ସଫଳ ହେବାକୁ ଯାଉଛି । ଏତେଦିନ ପରେ ସନା ଖୁସ୍ ହେବାଭଳି ଅବକାରୀ ମନ୍ତ୍ରୀ ଉତ୍ତର ରଖିଛନ୍ତି । ଯଦି ତାହା କାର୍ଯ୍ୟକାରୀ ହୁଏ ତେବେ ଆଉ କାହା ଗୋଡ଼ରେ ଭଙ୍ଗା ମଦବୋତଲ ପଶିବନି । କାହିଁକିନା କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍‌ରେ ମଦ ବ୍ୟବହାରକୁ ଅନୁମତି ଦିଆଯାଇଛି। ମାନେ ଫ୍ରୁଟି ଯେମିତି କାଗଜ ପ୍ୟାକେଟରେ ମିଳୁଛି ସେମିତି ମଦ ବି ମିଳିବ। ହେଲେ ଏତେଦିନର ଲଢ଼େଇ ସଫଳ ହେବାପରେ ସେ ମା'ଙ୍କ ପାଖକୁ ନଡ଼ିଆ ପଠାଇଛନ୍ତି କି ନାହିଁ ସେକଥା କିନ୍ତୁ ମାଲୁମ୍ ନାହିଁ ।

# ଶାଳୀନତା ଭୁଲିଗଲେ **ସରୋଜ**



ଆଜିକାଲି ଆସ୍କା ବିଧାୟକ ସରୋଜ ପାଢ଼ୀଙ୍କର ତୁଣ୍ଡ ଆଉ ବୋଲମାନୁନି । ପାଟିରୁ ଶବ୍ଦଗୁଡ଼ା ଶାଳୀନତାର ହୁଡ଼ା ଡେଇଁ ଖାଲି ଖପଖାପ ଡେଉଁଛନ୍ତି । ସେ କ'ଣ କହୁଛନ୍ତି, ନିଜେ ଜାଣିଛନ୍ତି କି ନାଇଁ, ତାହା ମା' ଗଙ୍ଗେଇଙ୍କୁ ଜଣା । ଯେଉଁଥିପାଇଁ ସୋସିଆଲ ମିଡ଼ିଆରେ ସେ ଟ୍ରୋଲ ହେଉଥିବା ଦେଖିବାକୁ ମିଳୁଛି । ନିକଟରେ ନବୀନ ବାବୁଙ୍କ ସମ୍ପର୍କରେ ସେ ଏମିତି ଅନେକ କଥା କହିଛନ୍ତି, ଯାହାକୁ ଖାଲି ବିଜେଡ଼ି ନେତା ନୁହଁନ୍ତି ବିଜେପି ନେତାମାନେ ବି ନାପସନ୍ଦ କରୁଛନ୍ତି। ନବୀନ ବାବୁ ଚବିଶ ବର୍ଷର ମୁଖ୍ୟମନ୍ତ୍ରୀ । ତାଙ୍କ ରେକର୍ଡ଼ କେହି ଭାଙ୍ଗି ପାରିବେନି। ଏବେବି ସେ ବିରୋଧୀ ଦଳର ନେତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହୁଅନ୍ତୁ କି ଅମିତ ଶାହ, ମୋହନ ଚରଣ ମାଝୀ ହୁଅନ୍ତୁ କି ଧର୍ମେନ୍ଦ୍ର ପ୍ରଧାନ ସମ୍ମାନ ପ୍ରଦାନରେ ଆଦୌ କାର୍ପଣ୍ୟ ପ୍ରକାଶ କରନ୍ତିନି। ଜାତୀୟସ୍ତରରେ ବି ନବୀନଙ୍କୁ କେମିତି ସମ୍ମାନ ମିଳେ ସମସ୍ତେ ଜାଣନ୍ତି । କାହାପ୍ରତି ବ୍ୟକ୍ତିଗତ ଟାର୍ଗେଟ୍ ଦୂରେ ଥାଉ, ନବୀନ ବାବୁ କାହାକୁ ଆକ୍ଷେପ କରି କହିବାର ବି କେହି କେବେ ଶୁଣିନଥିବେ। ହେଲେ ସରୋଜ ବାବୁ ସାକ୍ଷାତକାର ବେଳେ ତୁ ତା କହିବାକୁ ବି ପଛାଇନଥିଲେ। ରାଜନୀତିରେ ଦଳୀୟ ବିରୋଧାଭାଷ ରହିପାରେ, କିନ୍ତୁ ଅଶାଳୀନ ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ଅବଶ୍ୟ ଆସ୍କା ବିଧାୟକଙ୍କର ଏହା ଏକ ବଦଅଭ୍ୟାସ କହିଲେ ଅତ୍ୟୁକ୍ତି ହେବନାହିଁ। କାହାକୁ ଅଶାଳୀନ ବ୍ୟବହାର କଲେ କେହି ବଡ଼ ହୋଇଯାଏନି, ବରଂ ସେଇ ବ୍ୟକ୍ତି ଅନେକଙ୍କ ଆଖିରେ ଛୋଟ ହୋଇଯାଆନ୍ତି । ସରୋଜ ବାବୁ ଏହା ବୁଝିଗଲେ ଭଲହୁଅନ୍ତା ।

# ଚାଷୀଙ୍କ ପାଇଁ **ଭାଇନା**, ମିଲରଙ୍କ ପାଇଁ **ନନା**





ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବା ପଦୁ ଭାଇନା ଭାରି ଅଭିଜ୍ଞ ଲୋକ। ୧୯୮୦ ଦଶକରୁ ସେ ରାଜନୀତି କରୁଛନ୍ତି। ଚାରି ଚାରି ଥର ବିଧାୟକ। ସହଜେ ଏବେ ଚାଷୀ ସମସ୍ୟାକୁ ନେଇ କିଭଳି ରାଜରାସ୍ତାରୁ ବିଧାନସଭା ଯାଏଁ କମ୍ପୁଛି ସେକଥା ସମସ୍ତେ ଜାଣିଥିବେ। ନିକଟରେ ବିଧାନସଭା କମିଟିଙ୍କୁ ଧରି ସେ ଭଦ୍ରକ ଆଡ଼େ ମାଡ଼ି ଯାଇଥିଲେ। ଚାଷୀଙ୍କ ପାଇଁ ଖୁବ୍ ଦମରେ ଲଢ଼ିଲେ। ଅଫିସର ଓ ମିଲରଙ୍କ ଉପରେ ବି ବର୍ଷିଲେ। ହେଲେ ହଠାତ୍ ପଦୁ ଭାଇନାଙ୍କ ଉପରେ ଝାମ୍ପି ପଡ଼ିଲେ ଭଦ୍ରକିଆ ନନା। ଆମେ କହୁଛୁ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ କଥା। ନନାଙ୍କ ପରିବାର ହାତରେ ପାଖାପାଖି ଦି ଗଣ୍ଡା ମିଲ୍ ରହିଛି। ତାଙ୍କ ଦାଦା ବି ମିଲର ଆସୋସିଏସନର ନେତା। ପଦୁ ଭାଇନା ଚାଷୀଙ୍କ ପାଇଁ ଲଢୁଥିବାବେଳେ ମିଲରଙ୍କ ହକ୍ ପାଇଁ ଜୋରଦାର ବ୍ୟାଟିଂ କରିଥିଲେ ନନା। କି କଥା ଲଢ଼ିବେନି କେମିତି, ମିଲ୍‌ରୁ ଟଙ୍କା ଆସିଲେ ତ ଇଲେକ୍ସନ ବେଳେ ଭଦ୍ରକ ଚାଷୀଙ୍କୁ ସେ ଟଙ୍କା ବାଣ୍ଟିବେ ନା। ଚାଷୀ ଟଙ୍କାକୁ ଟଙ୍କା ପାଇବେ, ନନା ବି ଭୋଟ୍ ପାଇବେ। ଗୋଟିଏ ଗୁଳିରେ ଦିଇଟା ଶିକାର। ବିଧାନସଭାରେ ମୁଖ୍ୟମନ୍ତ୍ରୀ ସିନା ବିଜେଡ଼ିର ଇକୋ ସିଷ୍ଟମ କଥା କହି ଚେତାବନୀ ଦେଲେ ହେଲେ ନନାଙ୍କ ଇକୋ ସିଷ୍ଟମ କାହାର, ଟିକେ ଖୋଳତାଡ଼ କଲେ ଭଲ ହୁଅନ୍ତା ବୋଲି ଭଦ୍ରକରେ ଚର୍ଚ୍ଚା ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS